



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୧୨ ● ୭ ଫେବୃଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-12 ● 7th February 2025, Friday ● Bhubaneswar

Licensed to post without pre-payment of postage No- BN-60/25-27


## ଷୋଡଶ ଅର୍ଥ କମିଶନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ୧୨,୫୯,୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ




ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

୨୦୨୬-୩୧ ଏହି ପାଞ୍ଚବର୍ଷ ପାଇଁ ରାଜ୍ୟ ସରକାର ଓଡିଶା ନିମନ୍ତେ ୧୨,୫୯,୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିଛନ୍ତି । ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଷୋଡଶ ଅର୍ଥ କମିଶନଙ୍କ ସହିତ ଆଲୋଚନା ପରେ ଗଣମାଧମ ଆଗରେ ବିବୃତ୍ତିରଖି ଏହା କହିଛନ୍ତି ।

ରାଜ୍ୟ ସରକାରଙ୍କ ଦାବିର ସାରାଂଶ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହସ୍ତାନ୍ତର ପୂର୍ବରୁ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯,୮୮,୪୨୨ କୋଟି ଟଙ୍କା, ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧,୧୦,୪୩୪ କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡି ମାନଙ୍କ ପାଇଁ ଅନୁଦାନ ବାବଦରେ ୧,୦୦,୦୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯,୨୫୨ କୋଟି ଟଙ୍କା ଦାବି ରଖା ଯାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କମିଶନଙ୍କ ସହିତ ରାଜ୍ୟର ବିଭିନ୍ନ ଆର୍ଥିକ ଦିଗ ଉପରେ ଆମେ ଗଠନମୂଳକ ଆଲୋଚନା କରିଛୁ। ରାଜ୍ୟର ବିକାଶମୂଳକ ଆବଶ୍ୟକତା, ଆର୍ଥିକ କ୍ଷମତା ଏବଂ ପ୍ରସ୍ତାବିତ ଆର୍ଥିକ ହସ୍ତାନ୍ତର ବ୍ୟବସ୍ଥାକୁ ଭିତ୍ତିକରି କମିଶନଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରାଯାଇଛି। ଆମେ ରାଜ୍ୟର ସମସ୍ତ ଆର୍ଥିକ ଦିଗ ଏବଂ ଆବଶ୍ୟକତାକୁ ଭିତ୍ତି କରି ଏକ ସ୍ମାରକପତ୍ର ଆକାରରେ କମିଶନଙ୍କ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ : ନିର୍ଦ୍ଦେଶ

# ନମାନିଲେ ହେବ କଡା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

ଆକ୍ସନ ମୋଡରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଦେଇଛନ୍ତି କଡ଼ା ନିର୍ଦ୍ଦେଶ। ଜନଶୁଣାଣିରେ ଲୋକଙ୍କ ଅଭିଯୋଗ ଏବଂ ସମସ୍ୟାର ସମାଧାନ ନହେଲେ ଏଣିକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା



ସିଏମଓ ପକ୍ଷରୁ ଚିଠି ଜାରି ହୋଇଛି । ସବୁ ଜିଲ୍ଲାର ଜିଲାପାଳ, ଏସପି, ପୋଲିସ ଡିଜି, ପୋଲିସ କମିଶନର ସମସ୍ତଙ୍କୁ ସିଏମଓ ପକ୍ଷରୁ ଚିଠି ହୋଇଛି ।

କିଛି ଲୋକମାନେ ସେମାନଙ୍କ ସମସ୍ୟାର ସମାଧାନ ହେଉନଥିବାରୁ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ଯେପରି ଥରକରେ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# କୃଷକଙ୍କ ଖାତାକୁ ଆସିବ ପିଏମ୍ କିଷାନର ୧୯ତମ କିସ୍ତି

ନୂଆଦିଲ୍ଲୀ, ୬।୨

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୧୯ତମ କିସ୍ତି କେନ୍ଦ୍ର ସରକାର ଫେବୃଆରୀ ଶେଷ ସୁଦ୍ଧା ଜାରି କରିବେ। ଗଣମାଧମ ରିପୋର୍ଟ ଅନୁସାରେ, କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୨୪ରେ ବିହାର ଗସ୍ତରେ ଯାଇ କୃଷି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିବେ । ତାପରେ ସେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୧୯ତମ କିସ୍ତି ବଣ୍ଟନ କରିପାରନ୍ତି।

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଲାଭ ପାଇବା ପାଇଁ ଇ-କେୱାଇସି ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫ ଅକ୍ଟୋବର, ୨୦୨୪ରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ୧୮ତମ କିସ୍ତି ଜାରି କରିଥିଲେ।

ପିଏମ କିଷାନ ଏକ କେନ୍ଦ୍ର ସରକାରଙ୍କ ଯୋଜନା, ଯାହା ଭାରତ ସରକାରଙ୍କ ଦ୍ୱାରା ୧୦୦% ପାଣ୍ଠି ପ୍ରଦାନ କରାଯାଏ। ଏହା ଅଧୀନରେ କିସ୍ତି ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୁଏ । ଏହି ଯୋଜନା ଅଧୀନରେ, ପ୍ରତି ଚାରି ମାସରେ ୨୦୦୦ ଟଙ୍କାର ତିନୋଟି ସମାନ କିସ୍ତିରେ ବାର୍ଷିକ ୬,୦୦୦ ଟଙ୍କା ଜମିଧାରୀ ଚାଷୀ ପରିବାର ମାନଙ୍କର ଆଧାର-ସଂଲଗ୍ନ ବ୍ୟାଙ୍କ ଆକାଉଣ୍ଟରେ ପଠାଯାଏ।

## ୨୧ରୁ ମାଟ୍ରିକ୍ ପରୀକ୍ଷା କପି ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

ମାଧମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ଫେବ୍ରୁଆରୀ ୨୧ରୁ ଆରମ୍ଭ ହେବ । ଏହି ପରୀକ୍ଷା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାରେ କପିକୁ ରୋକିବା ତଥା ପ୍ରଶ୍ନ ପତ୍ର ଲିକକୁ ରୋକିବା ପାଇଁ ବୋର୍ଡ ଦ୍ୱାରା ବିଶେଷ ବ୍ୟବସ୍ଥା କରାଯାଇଛି । ମାଧମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧମକୁ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଏହି ପରୀକ୍ଷା ରାଜ୍ୟର ୩୦ ଜିଲ୍ଲାର ୩,୧୩୩ କେନ୍ଦ୍ରରେ ପରୀକ୍ଷା ହେବ। ମୋଟ ୫ ଲକ୍ଷ ୧୦ ହଜାର ୭୭୮ ପିଲା ପରୀକ୍ଷା ଦେବେ ।

ସେ କହିଛନ୍ତି ଯେ, ଅନଲାଇନ୍ ଏବଂ ଅଫଲାଇନରେ ପିଲାଙ୍କୁ ଆଡମିଟ୍ କାର୍ଡ ଯୋଗାଇ ଦିଆଯିବ। ଫେବ୍ରୁଆରୀ ୧୦ରୁ ଅନଲାଇନ୍‌ରେ ଆଡମିଟ୍ କାର୍ଡ ବୋର୍ଡର ୱେବସାଇଟରେ ଉପଲବ୍ଧ ହେବ।

କପିକୁ ରୋକିବା ପାଇଁ ବୋର୍ଡ ଦ୍ୱାରା ବ୍ୟାପକ ପଦକ୍ଷେପ ନିଆଯାଇଛି । ପରୀକ୍ଷା ହେବାକୁ ଥିବା ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ସେହିପରି କପି ରୋକିବାକୁ ୪ (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# କଂଗ୍ରେସ ଦ୍ରୁତ ଗତିରେ ମୁଖା ବଦଳାଉଛି

ନୂଆଦିଲ୍ଲୀ, ୬।୨

ଗୁରୁବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଉପରେ ରାଜ୍ୟସଭାରେ ସମ୍ବୋଧନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ସିଧା ନିଶାନା କରିଛନ୍ତି। ବାବା ସାହେବ ଆମ୍ବେଦକରଙ୍କ କଥା ଉଠାଇ କଂଗ୍ରେସକୁ ନିଶାନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ବାବା ସାହେବଙ୍କୁ କଂଗ୍ରେସ କେବେ ସମ୍ମାନ ଦେଉନଥିଲା। ଏଥିପାଇଁ କଂଗ୍ରେସକୁ ଆଜି ରଙ୍ଗ ବଦଳାଇବାକୁ ପଡ଼ିଲା। ଏଥିପାଇଁ ଦେଶର ସବୁଠୁ ପୁରୁଣା ପାର୍ଟିର ଏଭଳି ଅବସ୍ଥା। ଏସସି, ଏସଟିଙ୍କ ବିକାଶ ପାଇଁ ବାବା ସାହେବ ରୋଡ ମ୍ୟାପ ତିଆରି କରିଥିଲେ।



ଆମ୍ବେଦକରଙ୍କ ନାମକୁ ନେଇ କଂଗ୍ରେସ ପୂର୍ବରୁ ବିରକ୍ତ ହେଉଥିଲା । ଆଜି କଂଗ୍ରେସ ବାଧ ହୋଇ ଜୟ ଭୀମ କହିବାକୁ ବାଧ ହୋଇଛି । କଂଗ୍ରେସ (ପୃଷ୍ଠା ୭ରେ)

# କେଜ୍ରିୱାଲଙ୍କ ନିଦ ହଜାଇଲା ଏକ୍‌ଜିଟ ପୋଲ୍

ନୂଆଦିଲ୍ଲୀ, ୬।୨

ଦିଲ୍ଲୀ ସମ୍ପର୍କରେ ଆଜିର ଚାଣକ୍ୟର ଏକଜିଟ ପୋଲ ମଧ ସାମ୍ନାକୁ ଆସିଛି, ଯାହା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନିଦ ଉଡାଇଦେଇଛି । ଚାଣକ୍ୟର ଏକଜିଟ ପୋଲ ଅନୁଯାୟୀ, ଭାଜପା ୫୧ଟି ଆସନ ପାଇପାରେ। ଆଉ ଆମ ଆଦମୀ ପାର୍ଟିକୁ କେବଳ ୧୯ଟି ଆସନ ମିଳିପାରେ। କେବଳ ଏତିକି ନୁହେଁ, କଂଗ୍ରେସ କେବଳ ଗୋଟିଏରୁ ତିନୋଟି ଆସନ ପାଇବ ବୋଲି ଆଶା କରାଯାଉଛି । ଏହି ଏଜେନ୍ସି ୨୦୧୫ରେ ଏକ ସଠିକ ଭବିଷ୍ୟବାଣୀ କରିଥିଲା।

ଚାଣକ୍ୟର ଏକଜିଟ ପୋଲ ଅନୁଯାୟୀ,



ଭାଜପାକୁ ୪୯% ଭୋଟ ମିଳୁଥିବା ଦେଖାଯାଉଛି, ଯେତେବେଳେ ଆମ ଆଦମୀ ପାର୍ଟିର ଭୋଟ ହାର ୫୩% ରୁ ୪୧%କୁ ହ୍ରାସ ପାଇପାରେ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳଗୁଡ଼ିକୁ ୧୦ ପ୍ରତିଶତ ଭୋଟ ମିଳିବ ବୋଲି ଆଶା କରାଯାଉଛି । ଆଜିର ଚାଣକ୍ୟ ଏକଜିଟ ପୋଲକୁ ବହୁତ ନିର୍ଭରଯୋଗ୍ୟ ବୋଲି ବିବେଚନା କରାଯାଉଛି । କାରଣ ଏହି ସଂସ୍ଥା ଦ୍ୱାରା ଏ ପର୍ଯ୍ୟନ୍ତ କରାଯାଇଥିବା ଅଧିକାଂଶ ସର୍ଭେ ସତ୍ୟ ପ୍ରମାଣିତ ହୋଇଛି। ପୂର୍ବରୁ ଆକ୍ସିସ ମାଇ ଇଣ୍ଡିଆ ମଧ ଏକ୍‌ଜିଟ ପୋଲ ପ୍ରକାଶ ପାଇଛି । ଯାହା ଅନୁସାରେ, ଭାଜପା ୪୫ରୁ ୫୫ ଆସନ , ଆମ ଆଦମୀ ପାର୍ଟି ୧୫ ରୁ ୨୦ ଆସନ ପାଇବ ବୋଲି ଆଶା କରାଯାଉଛି।

୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆକ୍ସିସ ମାଇ ଇଣ୍ଡିଆର ଏକ୍‌ଜିଟ ପୋଲ ବହୁତ ସଠିକ ଥିଲା। ଏହା ଆମ ଆଦମୀ ପାର୍ଟିକୁ ୫୯-୬୮ ଆସନ ମିଳିବା ନେଇ ଅନୁମାନ କରିଥିଲା ଏବଂ ଏଏପି ୬୨ ଆସନ ପାଇଥିଲା । ସେହିପରି (ପୃଷ୍ଠା ୭ରେ)

# ଆସନ୍ତା ୧୦ ତାରିଖରୁ ପୁଣି ଟ୍ୱିନ୍ ସିଟିରେ ଗାଡ଼ି ଚେକିଂ

ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

କଟକ ଏବଂ ଭୁବନେଶ୍ୱରରେ କଳା ଫିଲ୍ମ, ସାଇରନ ଏବଂ ବିକଟାଳ ହର୍ଣ୍ଣ ବ୍ୟବହାର ବିରୋଧରେ କମିଶନରେଟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି।

ଆଇନଗତ ନିଷେଧ ସତ୍ତ୍ୱେ, ଅନେକ ଯାନବାହାନ ଏବେ ବି ରଙ୍ଗୀନ କାଚ/କଳା ଫିଲ୍ମ, ମଲ୍ଟି ଟୋଣ୍ଡ ହର୍ଣ୍ଣ ଏବଂ ମ୍ୟୁଜିକାଲ ହର୍ଣ୍ଣ ବ୍ୟବହାର କରୁଛନ୍ତି, ଯାହା ଜନସାଧାରଣଙ୍କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି, ଏହା କିଛି ଲୁଚାଇବା ଏବଂ ସଡ଼କ ଦୁର୍ଘଟଣାରେ ଯୋଗଦାନ କରିବାର ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ



କହିଛନ୍ତି।

ଗାଡିର ଝରକା ଅତି କମରେ ୭୦% ଦୃଶ୍ୟମାନ ଆଲୋକ ଆଗ ଏବଂ ପଛ ଝରକା ଦେଇ ଯିବାକୁ ଅନୁମତି ଦେବା ଆବଶ୍ୟକ ଏବଂ ପାର୍ଶ ଝରକା ପାଇଁ ୫୦% ଅନୁମତି ଦେବା ଆବଶ୍ୟକ। ପୋଲିସ କମିଶନର କହିଛନ୍ତି ଯେ କଳା ଫିଲ୍ମ, ସାଇରନ ଏବଂ ମଲ୍ଟି ଟୋଣ୍ଡ ହର୍ଣ୍ଣ ବ୍ୟବହାର ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ (ପୃଷ୍ଠା ୭ରେ)

# କୁଆଖାଇରେ ବୁଡ଼ି ୨ ଛାତ୍ର ମୃତ : ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ସରସ୍ୱତୀ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ମୃତ ଛାତ୍ରଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାର ନିକଟ କୁଆଖାଇ ନଦୀରେ ବୁଡ଼ି ବୁଧବାର ୨ ଜଣ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତକ ଦୁହେଁ ଭୁବନେଶ୍ୱର କ୍ୟାପିଟାଲ ଥାନା



ଅଧୀନ ୟୁନିଟ୍-୬ କାଳୀ ମନ୍ଦିର ଅଞ୍ଚଳରେ ରହୁଥିବା ଦିବ୍ୟଜ୍ୟୋତି ମହାଳିକ (୧୫) ଓ ଗଙ୍ଗନଗରରେ ରହୁଥିବା ସିକୁନ ସେନାପତି (୧୫) ବୋଲି ଜଣାପଡ଼ିଛି। ବାଲିଅନ୍ତା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୪/ ୨୫ ଓ ୫/୨୫)ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଦିବ୍ୟଜ୍ୟୋତି ଓ ସିକୁନ ସରସ୍ୱତୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଟ୍ୟୁସନ ସାରଙ୍କ ସମେତ ୬ ଜଣ ସାଙ୍ଗ ମିଶି ପୂର୍ବାହ୍ନ ସମୟରେ ରଙ୍ଗବଜାର ନିକଟ କୁଆଖାଇ ନଦୀକୁ ଆସିଥିଲେ। ବିସର୍ଜନ ପାଇଁ ନଦୀ ଭିତରକୁ ଯାଇଥିବାବେଳେ ୨ ଜଣ ସାଙ୍ଗ ବୁଡ଼ିଯାଇଥିଲେ। ଏହା ଦେଖି ଟ୍ୟୁସନ ସାର ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବାଲିଅନ୍ତା ଅଗ୍ନିଶମ ବିଭାଗର ଏକ ଟିମ ସେଠାରେ ପହଞ୍ଚି ନଦୀରେ ଖୋଜାଖୋଜି କରି ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲିଅନ୍ତା ପୋଲିସ ଡାକ୍ତରଖାନାରେ ପହଞ୍ଚିଥିଲା।

## ଭୂମିହୀନଙ୍କ ସଂଜ୍ଞା ବଦଳିବ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାର ଲ୍ୟାଣ୍ଡ ସେଟଲମେଣ୍ଟ ଆକ୍ଟ ଅନୁସାରେ ଭୂମିହୀନମାନଙ୍କ ପାଇଁ ଘର ତିଆରି ଲାଗି ୪ ଡ଼ିସିମିଲ ଜାଗା ଦେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।


ସେ କହିଛନ୍ତି ଯେ, ଉତ୍ତରାଧିକାରୀ ସୂତ୍ରରେ ଯେଉଁମାନଙ୍କର ୪ ଡିସିମିଲରୁ କମ୍ ଜମି ଥିବ ସେଭଳି ଲୋକଙ୍କୁ ଭୂମିହୀନ ଭାବେ ଗ୍ରହଣ କରାଯିବ। ଆଉ ୪ ଡିସିମିଲିରୁ ଯେତେ କମ୍ ଜାଗା ଥିବ ସେତିକି ଜାଗା ସେମାନଙ୍କୁ ଦିଆଯିବ ବୋଲି ସେ କହିଛନ୍ତି ।

## ଏକାଳ ପଖାଳ



ସ୍ୱତନ୍ତ୍ର ରାଇଜ ସପନ ଭାଙ୍ଗିଲା
ଉଠି ପାରିବ ଦାବି
ଟେନସନ ହେଲେ କିଛି ହେବ ନାହିଁ
ବାରମ୍ବାର ଥିଲେ ଭାବି
କମିଶନ ନେଲେ ସବୁ ତାଲାଚାବି
ରାଜନୀତି ଆଉ ହେଇପାରିବନି
ଯେତେହେଲେ ଖୋବାଖୋବି।

# କଟକ ବାଲିଯାତ୍ରାକୁ ମିଳିଲା ଜାତୀୟ ମାନ୍ୟତା



ଭୁବନେଶ୍ୱର, ୬।୨
ନ୍ୟୁଜ୍ ବ୍ୟୁରୋ

ଐତିହାସିକ କଟକ ବାଲିଯାତ୍ରାକୁ ମିଳିଛି ଜାତୀୟ ମାନ୍ୟତା। ଦୀର୍ଘ ଦିନ ହେଲା ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଲାଗି ଦାବି କରାଯାଇ ଆସୁଥିଲା । ୨୦୨୦ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଏଥିପାଇଁ ଚିଠି ଲେଖିଥିଲେ। ପୂର୍ବରୁ କଟକ ମେୟର ସୁବାସ ସିଂ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ମଧ ପ୍ରଦାନ କରିଥିଲେ।

ବାଲିଯାତ୍ରା (ଡ଼ଙ୍ଗାଭସା ବା ବୋଇତ ବନ୍ଦାଣ ନାମରେ ମଧ ଜଣାଶୁଣା )। ଏକ ଓଡ଼ିଆ ପର୍ବ ବାଲିଯାତ୍ରା ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଯାତ୍ରା । ବାଲିଯାତ୍ରା ଏପରି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା । ଆଧୁନିକ ଓଡ଼ିଶା ଉପରୋକ୍ତ ରାଷ୍ଟ୍ରଗୁଡିକର ପରିବର୍ତ୍ତିତ ରୂପ

ଏହି ଯାତ୍ରା କାର୍ତ୍ତିକ ମାସର ପୂର୍ଣ୍ଣମାଠାରୁ ଆରମ୍ଭ ହୋଇଥାଏ । ଆଗ କାଳରେ ସାଧବପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ (ଏବେକାର ଇଣ୍ଡୋନେସିଆ) ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ, ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ।

କଟକ ସହରରେ (ପୃଷ୍ଠା ୭ରେ)

## ୨୦୨୭ରେ ଚନ୍ଦ୍ରଯାନ-୪ ପୃଥିବୀକୁ ଆସିବ ଚନ୍ଦ୍ରପୃଷ୍ଠର ନମୁନା

ନୂଆଦିଲ୍ଲୀ, ୬।୨

ଚନ୍ଦ୍ରଯାନ-୪କୁ ଲଞ୍ଚ କରିବାକୁ ପ୍ରସ୍ତୁତି ଚଳାଇଛି ଭାରତ। ୨୦୨୭ରେ ଲଞ୍ଚ ହେବ ଚନ୍ଦ୍ରଯାନ ଅଭିଯାନ-୪ । ଏନେଇ ସୂଚନା ଦେଇଛନ୍ତି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂହ। ଏହି ମିଶନ ମାଧ୍ୟମରେ ଚନ୍ଦ୍ରପୃଷ୍ଠର ଚଟାଣର ନମୁନା ପୃଥିବୀକୁ ଅଣାଯିବ। ସେ କହିଛନ୍ତି ଚନ୍ଦ୍ରଯାନ ୪ରେ ଉଚ୍ଚ କ୍ଷମତା ସମ୍ପନ୍ନ ଏଲଭିଏମ ୩ ରକେଟ। ଦୁଇଟି ପୃଥକ ଉତକ୍ଷେପଣ ପରେ ପାଞ୍ଚଟି ଭିନ୍ନ ଭିନ୍ନ ଉପାଦାନ ବହନ କରି କକ୍ଷପଥକୁ ଯିବ। ଏଗୁଡ଼ିକୁ ପୃଥିବୀର କକ୍ଷପଥରେ ଏକାଠି କରାଯିବ।



କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଚନ୍ଦ୍ରଯାନ ୪ ମିଶନର ଉଦ୍ଦେଶ୍ୟ ହେଉଛି ଚନ୍ଦ୍ର ପୃଷ୍ଠରୁ ନମୁନା ସଂଗ୍ରହ କରି ପୃଥିବୀକୁ ଆଣିବା। ଗଗନଯାନ ମିଶନକୁ ଆସନ୍ତା ବର୍ଷ ଲଞ୍ଚ କରାଯିବ। ଏଥିରେ ଭାରତୀୟ ମହାକାଶଚାରୀମାନଙ୍କୁ ଏକ ସ୍ୱତନ୍ତ୍ର ଯାନରେ ମହାକାଶର ପୃଥିବୀର ନିମ୍ନ କକ୍ଷପଥକୁ ପଠାଯିବ ଏବଂ ସେମାନଙ୍କୁ ନିରାପଦରେ ପୃଥିବୀକୁ ଫେରାଇ ଅଣାଯିବ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଶ୍ଚେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ୱମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୧)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଦୂରରୁ ଚଇତାଳି ପବନରେ ଭାସି ଆସୁଛି ମେଞ୍ଚା ମେଞ୍ଚା ମଲ୍ଲିଫୁଲର ମହକ, ବିଶର ମହାନ୍ତି ପୁଟୁଳିରୁ ଗୋଟିଏ ପୋଥିଟିଏ ବାହାର କରି ପଢୁଥିଲେ-ଭାଗବତ ମହାପୁରାଣ-

**ବିଷ୍ଣୁ ଭକତ ପ୍ରାଣୀଙ୍କର,**
**ଜଗତେ ନାହିଁ ଆତ୍ମପର ।।**
**ଦେଖନ୍ତି ସର୍ବଜୀବ ଦେହେ।**
**ଏକା ଗୋବିନ୍ଦ ଆନ ନୁହେଁ ।।**
**ସକଳ ଜୀବ ମଧ୍ୟେ ହରି ।**
**ବସଇ ଆତ୍ମା ରୂପ ଧରି ।।**

ବିଶର ମହାନ୍ତିଙ୍କ କଣ୍ଠରୁ ଝରି ଆସୁଥିବା ଶ୍ରୀହରିଙ୍କର ନାମାମୃତକୁ ଶ୍ରବଣକରି ତନ୍ମୟ ଓ ଅଭିଭୂତ ହୋଇ ଯାଉଥିଲେ ପଲ୍ଲୀବାସୀ। ଭଜନଟି ବିଶାଳ ଜନପଦର ଦୁଃଖ ଜଞ୍ଜାଳ ଗ୍ରସ୍ତ ନିପିଡିତ ମଣିଷଙ୍କର ଅଶାନ୍ତ ହୃଦୟକୁ ଭେଦକରି ପରମାତ୍ମାଙ୍କ ଠାରେ ମିଶି ଯାଉଥିଲା । ସମୟାନୁକ୍ରମେ ସେହି ବିଶାଳ ଜନପଦରେ ବିଶର ମହାନ୍ତି ଜଣେ ପ୍ରତିଷ୍ଠିତ ଆଧାତ୍ମିକ ପ୍ରବକ୍ତା ଭାବେ ଲୋକପ୍ରିୟ ହୋଇଗଲେ। ଦିନ ପରେ ଦିନ, ମାସ ପରେ ମାସ ବିତି ଚାଲିଲା। ଜଗନ୍ନାଥଙ୍କ ଦାରୁ ବିଗ୍ରହ ପହଞ୍ଚିବାର ବହୁ ପୂର୍ବରୁ ବଙ୍ଗ ପ୍ରଦେଶରେ ଜଗନ୍ନାଥ ସଂସ୍କୃତି ଓ ବୈଷ୍ଣବ ଧର୍ମର ଅନ୍ୟତମ ବଳିଷ୍ଠ କେନ୍ଦ୍ରସ୍ଥଳ ରୂପେ ପରିଗଣିତ ହୋଇପଡିଥିଲା। ତନ୍ମଧ୍ୟରୁ ୧୫୦୯ ଖ୍ରୀଷ୍ଟାବ୍ଦରେ ମହିଷା ଦଳରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଥିଲା। ହୁଗୁଳି ଜିଲ୍ଲା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ତଥା ଚନ୍ଦନ ନଗରରେ ଜଗନ୍ନାଥ ମନ୍ଦିର ବାଙ୍କୁଡାର ୧୫୩୯ ଖ୍ରୀଷ୍ଟାବ୍ଦରେ ଜଗନ୍ନାଥ କୃତୀ ସମୂହ ତତ୍କାଳିନ ଉତ୍କଳୀୟ ଜଗନ୍ନାଥ ସଂସ୍କୃତି ସହିତ ନିବିଡି ସଂପର୍କ ରହିଥଲା। ଏତଦ୍‌ବ୍ୟତୀତ ବିଷ୍ଣୁପୁରର ରାଜା ପତିତମଲ୍ଲ ୧୪୫୦ ଖ୍ରୀ.ଅ.ରେ ଏକ ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଜଗନ୍ନାଥ ସଂସ୍କୃତିକୁ ବଙ୍ଗଳାରେ ରୁଦ୍ଧିମନ୍ତ କରିସାରିଥିଲେ। ତେବେ ଯାହା ହେଉ ମାତ୍ର ଆଠମାସ ଭିତରେ ବିଶର ମହାନ୍ତି ପାଲଟି ଯାଇଥିଲେ ବଙ୍ଗଳାର ଆଧାତ୍ମିକ ଚେତନାର ଚଳନ୍ତି ପ୍ରତିନିଧି। ଏଠାରେ ପ୍ରଶ୍ନ ଉଠେ ଯେ ବିଶର ମହାନ୍ତି ଯଦି ଜଗନ୍ନାଥଙ୍କ ବ୍ରହ୍ମଣୀ ଆଣିବା ପାଇଁ ବଙ୍ଗଯାତ୍ରା କରିଥିଲେ, ତେବେ ଆଠମାସ ମଧ୍ୟରେ କ'ଣ ଜଗନ୍ନାଥଙ୍କ ବ୍ରହ୍ମଣୀଙ୍କୁ ଧରି କଳିଙ୍ଗ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିପାରିଲେ ନାହିଁ ? ଆଠ ମାସ ଭିତରେ କ'ଣ ଜଗନ୍ନାଥଙ୍କ କଥା ଭୁଲିଗଲେ ? ପ୍ରଶ୍ନକର୍ତ୍ତାମାନେ ଭଲ ଭାବେ ଜାଣିବା ଦରକାର ଯେ, ଆଠ ମାସ ମଧ୍ୟରେ ସେ କୌଣସି ଗୋଟିଏ ମୁହୂର୍ତ୍ତ ମଧ୍ୟ ଜଗନ୍ନାଥଙ୍କ ଚିନ୍ତା ମନରୁ ପାଶୋରି ନାହାନ୍ତି, ଶୟନେ, ସ୍ୱପ୍ନରେ। ବିଭିନ୍ନ ସ୍ଥାନକୁ ଯାତ୍ରା କଲାବେଳେ ସେ ଭାବିଚାଲିଥାନ୍ତି ସେ ଜଗନ୍ନାଥଙ୍କ ବ୍ରହ୍ମଣୀଙ୍କୁ ଏଠାରୁ କିପରି ଉଦ୍ଧାର କରି କେମିତି ସେ କଳିଙ୍ଗ ରାଜ୍ୟରେ ପହଞ୍ଚିବେ। ଏଠାରେ କେହି ଜଣେ ହେଲେ ମଧ୍ୟ ତାଙ୍କୁ ସାହାଯ୍ୟ କରିବା ପାଇଁ ନାହାଁନ୍ତି। ଯୁଆଡେ ଚାହିଁବେ ସବୁଆଡେ ବୁଲୁଛନ୍ତି ମୁସଲମାନ ଲସ୍କର। ସେହି ଅସ୍କରା ବଗିଚାରୁ ପଡିଥିବା ଅର୍ଦ୍ଧ ଦଗ୍ଧ ଦାରୁମୂର୍ତ୍ତି ମଧ୍ୟରୁ ବ୍ରହ୍ମଣୀଙ୍କୁ ଯଦି ବାହାର କରି ଆଣି କୌଣସି ପରିସ୍ଥିତିରେ କଳିଙ୍ଗ ଭୂଖଣ୍ଡକୁ ଚାଲି ଆସିବେ ଆଉ ଆସୁଥିବା ସମୟରେ କୌଣସି ମୁସଲମାନ୍ ଲସ୍କରଙ୍କ ଦୃଷ୍ଟିରେ ପଡିଯାନ୍ତି, ତେବେ ତା ନିଜର ଜୀବନ ତ ଯିବ, କିନ୍ତୁ ଜଗନ୍ନାଥଙ୍କୁ ଆଉ କେହି ଉଦ୍ଧାର କରି ପାରିବେ ନାହିଁ। ଦ୍ୱିତୀୟ କଥାଟି ହେଲା ଯଦିବି ଜଗନ୍ନାଥଙ୍କ ବ୍ରହ୍ମଣୀଙ୍କୁ ପୁରୀକୁ ନେଇ ଆସନ୍ତି, ତେବେ ସେ ସମୟରେ ପୁରୀରେ ଯେଉଁ ସନ୍ଦେହ ଓ ବିଶ୍ୱାସଘାତକତାର ବାତାବରଣ ଭୟାନକ ସ୍ଥିତିରେ ପହଞ୍ଚିଲାଣି, ସେଥିରେ ବ୍ରହ୍ମଣୀମାନେ କେବେହେଲେ ସୁରକ୍ଷିତ ରହିବେ ନାହିଁ। ତୃତୀୟଟି ହେଲା ଦ୍ୱିତୀୟଟିର ଉପରୋକ୍ତ କାରଣ ସହିତ ଆଉଏକ ବଳିଷ୍ଠ କାରଣ ଏଠାରୁ ଯିବା ଦିନ ସ୍ଥିର ନକରି ଯଦି ଅମରାବାଡିରେ ପଡି ରହିଥିବା ଅର୍ଦ୍ଧ ଦଗ୍ଧ ଦାରୁ ବିଗ୍ରହ ମାନଙ୍କରୁ ବ୍ରହ୍ମଣୀ ଆସି ନିଜ ଗୃହରେ ଲୁଚାଇ ରଖି ସହସା ପ୍ରତ୍ୟାବର୍ତ୍ତନ କରିନପାରେ, ତେବେ ଘରୁ ବିଗ୍ରହ ମାନଙ୍କରୁ କିଛି ଗୁପ୍ତ ବସ୍ତୁ ଚୋରି ହୋଇଛି ବୋଲି ଅମୃରା (ଯେଉଁ ବୃଦ୍ଧ ଗୃହର ଘରେ ରହିଛି) ଜଣକ ପ୍ରଚାର କରିବା ଆରମ୍ଭ କରିଦେବ, ଯାହା ପାଇଁ ଏତେ ଦିନ ହେଲା ଦୁଃଖ କଷ୍ଟ ସହି ଏଠାରେ ପଡି ରହିଛନ୍ତି ସେସବୁ ଧୂଳିସାତ ହୋଇଯିବ। ସବୁଦିନ ପାଇଁ ଓଡ଼ିଆ ଜାତି ଝୁରି ହେଉଥିବ ଜଗନ୍ନାଥଙ୍କୁ। ତେବେ ସେ କ'ଣ କରିବ ? ଚାହୁଁ ଚାହୁଁ ଆଠମାସ ହୋଇଗଲା। ଏବେ ଆଉ ଏଠାରେ ନରହି ବ୍ରହ୍ମଣୀଙ୍କୁ ଧରି ଯେକୌଣସି ମତେ ଯିବା ପାଇଁ ପ୍ରସ୍ତୁତ, କିନ୍ତୁ ସେ ପୁରୀ ବ୍ୟତୀତ ଉତ୍କଳର ଅନ୍ୟ କୌଣସି ସୁରକ୍ଷିତ ରହିବା ଭଳି ଜାଗା ସେ ଦେଖୁନାହିଁ। ଦିନେ ସେ ଏହି କଥା ଚନ୍ତାକରି କରି ରାତିରେ ଶୟନ କରିଛି। ଗଭୀର ନିଦ୍ରାରେ ସେ ନିମଗ୍ନ। ରାତ୍ରୀର ବିଳମ୍ବିତ ପ୍ରହରରେ ସେ ସ୍ୱପ୍ନ ଦେଖୁଛି ଦୁଇଜଣ ବଳିଷ୍ଠ ପୁରୁଷ ଗଙ୍ଗା କୂଳରେ ଛିଡା ହୋଇ ତାକୁ ଡାକୁଛନ୍ତି " ହେ ବିଶର ! ତୁମେ ଟିକିଏ ଆମକୁ ପୁରଷ୍ତମ ନେବ ? ଆମେ ବହୁଦିନରୁ ଅପେକ୍ଷା କରିଛୁ ଟିକିଏ ପୁରଷ୍ତମ ଯିବା ପାଇଁ, କିନ୍ତୁ ଗୋଟିଏ ପରିଚିତ ଲୋକ ଆଜି ପର୍ଯ୍ୟନ୍ତ ପାଇଲୁ ନାହିଁ, ଯାହା ସାଥିରେ ଏତେ ଦୂରବାଟ ଗଲେ ବି ଆମେ ଶରୀରରେ କଷ୍ଟ ପାଇବୁ ନାହିଁ। ତେବେ ଆମେ ଦୁଇଜଣ ତୁମକୁ ଭଲଭାବେ ଚିହ୍ନିଛୁ ତୁମେ ସାଥିରେ ନେଇ ପାରିବନି ?" ଏତକ ସ୍ୱପ୍ନ ଦେଖିବା ପରେ ପରେ ବିଶର ମହାନ୍ତିଙ୍କ ନିଦ ହଠାତ୍ ଭାଙ୍ଗିଗଲା।

(କ୍ରମଶଃ)

# ରାମରାଜ୍ୟର ପରିକଳ୍ପନା ଏବଂ ଏହାର ବାସ୍ତବତା



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି। ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ। ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର। ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ '। ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ। ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି ।୨୦୦୦ ମସିହାରେ ଆମ ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨%ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି । ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି । ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮ଡିଗ୍ରୀ, ୪୯ଡିଗ୍ରୀ କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେସଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ । ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜ଼ନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି। ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ । ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡିଥିଲା । ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା । ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଥିଲା । ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ। ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା । ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ। ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଧାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ । ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା । ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଲସା ତାଙ୍କୁ ସ୍ପର୍ଶ କରିପାରିନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗଭେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି ।

ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳ ମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ଜଣ ପ୍ରାର୍ଥୀ ଜାତୀୟ ଦଳରୁ,୫୩୨ଜଣ କ୍ଷେତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପ୍ରାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପ୍ରାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପ୍ରାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପ୍ରାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା ।ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପ୍ରାର୍ଥୀଙ୍କ ନାମରେ ରହିଛି ସଙ୍ଗନୀ ଅପରାଧିକ ମାମଲା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି । ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶୃତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି। ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ । ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ। ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ । ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ। ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଆପାତକାଳ ଘୋଷଣା କରାଯାଇଥିଲା। ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କାରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା। ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀଙ୍କୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ।

ଆମ ଦେଶର ଜାତୀୟ ପିତା ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ। ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତଙ୍କ ମିଳିତ ସହଯୋଗରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ। ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

# ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ସ୍କୁଲରେ ଫେଲ ନକରାଇବା ନୀତି ରଦ୍ଦ ପାଇଁ କେନ୍ଦ୍ରସରକାରଙ୍କ ନିଷ୍ପତ୍ତି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଆଭିମୁଖ୍ୟ ପରିବର୍ତ୍ତନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରିବ। ଏହି ପରିବର୍ତ୍ତିତ ନୀତି ଆଧାରରେ ଏଣିକି କେନ୍ଦ୍ର ସରକାରଙ୍କ ଅଧିନରେ ପରିଚାଳିତ ୩ହଜାରରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ ଦୈନିକ ସ୍କୁଲରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପରୀକ୍ଷାରେ ପାସ୍, ଫେଲ୍ ଲାଗୁହେବ। ଯେଉଁ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଫେଲ୍ ହେବେ, ସେମାନେ ପୁନଃ ପରୀକ୍ଷାର ସମ୍ମୁଖୀନ ହେବେ। ଫେଲ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ପ୍ରଶିକ୍ଷଣ ଦିଆଯାଇ ଫଳ ପ୍ରକଶନର ଦୁଇ ମାସ ମଧ୍ୟରେ ପୁନଃ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ। ପୁନଃ ପରୀକ୍ଷାରେ ଯଦି ସମ୍ପୃକ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୁଅନ୍ତି, ତେବେ ଉଚ୍ଚଶ୍ରେଣୀରେ ପାଠ ପଢିପାରିବେ। ଯଦି ପରୀକ୍ଷାରେ ଅକୃତକାର୍ଯ୍ୟ ହୁଅନ୍ତି, ତେବେ ତାଙ୍କୁ ପୁନର୍ବାର ସେହି ଶ୍ରେଣୀରେ ପାଠ ପଢିବାକୁ ହେବ। ସେହି ଦୁଇମାସ ମଧ୍ୟରେ ଶ୍ରେଣୀ ଶିକ୍ଷକ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ମାର୍ଗଦର୍ଶନ ଦେବା ସହିତ ସେମାନଙ୍କର ଅଭିଭାବକମାନଙ୍କ ସହ ଆଲୋଚନା କରିବେ। ଯେଉଁ ବିଷୟରେ ଛାତ୍ରଛାତ୍ରୀ ଜଣକ ଦୁର୍ବଳ ପ୍ରଦର୍ଶନ କରୁଥିବେ, ତାହାକୁ ଚିହ୍ନଟ କରି ଉନ୍ନତମାନର ଶିକ୍ଷାଦାନ ଲାଗି ଗୁରୁତ୍ୱ ଦେବା ବ୍ୟବସ୍ଥା ରହିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ଶିକ୍ଷା ଅଧିକାର ଆଇନ ସଂଶୋଧିତ ହେବା ପରେ ୧୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ସ୍କୁଲରେ ଫେଲ ନକରାଇବା ନୀତିକୁ ରଦ୍ଦ କରିସାରିଛନ୍ତି। ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ ପରିବର୍ତ୍ତିତ ନୀତି ଫେଲ ଛାତ୍ରଛାତ୍ରୀଙ୍କୁ ସମର୍ଥନ ଦେବା ଲାଗି ଦୁର୍ବଳ ଭିତ୍ତିଭୂମିକୁ ପ୍ରଦର୍ଶିତ କରୁଛି। ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିକାରକ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ଶିକ୍ଷାଦାନ ଏବଂ ବ୍ୟାପକମାତ୍ରାରେ ଶିକ୍ଷକ ତାଲିମ ଆବଶ୍ୟକତା କରେ। ମାତ୍ର ସେସବୁ ଏବେ ବି ଅନୁନ୍ନତ ଅବିକଶିତ ସ୍ତରରେ ରହିଛି। କେବଳ ଏତିକ ନୁହେଁ, ଉନ୍ନତମାନର ଶିକ୍ଷାଦାନର ଅନୁପସ୍ଥିତିରେ ଫେଲ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଅବ୍ୟବସ୍ଥା ସମାଧାନ କରିବା ତୁଳନାରେ ସେମାନଙ୍କୁ ଗୋଟିଏ ଶ୍ରେଣୀରେ ପୁଣି ବର୍ଷେ ଅଟକାଇ ଏକ ଦଣ୍ଡରେ ପରିଣତ ହୋଇଛି। କହିବା ନିଷ୍ପ୍ରୋୟଜନ ଯେ, ଦୁର୍ବଳ, ପଛୁଆ ବର୍ଗର ପିଲାଙ୍କୁ ଶିକ୍ଷା ପ୍ରତି ଉତ୍ସାହିତ କରିବା, ଶିକ୍ଷା ଅଧିକାର ଆଇନରେ ସାମିଲ କରିବା ଏବଂ ଅଧାରୁ ପାଠଛାଡ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ ବ୍ୟବସ୍ଥା ଉଠାଇ ଦେଇଥିଲେ। ଏହି ବ୍ୟବସ୍ଥାକୁ ସେତେବେଳେ ଅଳ୍ପ କେତେକ ରାଜ୍ୟ ଲାଗୁ କରଥିବାବେଳେ ବହୁ ରାଷ୍ଟ୍ର ଲାଗୁ କରିଥିଲେ। ସେତେବେଳେ ଶିକ୍ଷାବିତ୍‌ମାନେ ଏହାକୁ ସ୍ୱାଗତ କରିଥିବାବେଳେ ବହୁ ଶିକ୍ଷାବିତ୍ ମଧ୍ୟ ସମାଲୋଚନା କରିଥିଲେ, ଯାହାକି ଏକ ସ୍ୱାଭାବିକ ପ୍ରକ୍ରିୟା ଥିଲା। ତେବେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କୁ ପାଶ୍ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ପାଇଁ ଅସନ୍ତୋଷ ଆଣିଥିଲା ନିଶ୍ଚିତ, କିନ୍ତୁ ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ, ଲକ୍ଷ୍ୟ ଠାରୁ ଦୂରେଇ ଯାଇଥିଲା। ଉନ୍ନତମାନର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଠାରୁ ଦୂରେଇ ଯାଇଥିବା ମଧ୍ୟ। କେବଳ ଏତିକି ନୁହେଁ, ପ୍ରାଥମିକ ଶିକ୍ଷା ସ୍ତରରେ ପିଲାମାନଙ୍କ ଉପରୁ ବ୍ୟାଗର ବୋଝ ହ୍ରାସ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି, ପିଲା ବ୍ୟାଗ ନେଉଥିଲେ ସତ କିନ୍ତୁ ସେଥିରେ କିଛି ପାଠ୍ୟ ପୁସ୍ତକ ନଥିଲା। ପିଲାମାନେ ଖେଳିକୁଦ, ନାଚି ଗାଇ ପାଠ ପଢୁଛି। ପିଲାଙ୍କ ମୌଳିକ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ସଫଳତା ସଂଖ୍ୟା ମଧ୍ୟରେ ପାର୍ଥକ୍ୟ ନେଇ ବର୍ଷ ପରେ ବର୍ଷ ବିଭିନ୍ନ ସର୍ଭେ ଏବଂ ରିପୋର୍ଟରେ ଶିକ୍ଷାବିତ୍‌ମାନେ ସତର୍କ କରାଇ ଆସିଛନ୍ତି। ତେବେ ଶିକ୍ଷା ମାନ ହ୍ରାସ ଯୋଗୁଁ ଏଥିରେ ସଂସ୍କାର ପାଇଁ ସର୍ଭେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଥିଲା। ଏଥିଲାଗି ୨୦୧୯ରେ କେନ୍ଦ୍ର ସରକାର ଶିକ୍ଷା ଅଧିକାର ଆଇନରେ ସଂଶୋଧନ ଆଣିଥଲେ। ତେବେ ପୁରୁଣା ଉଚ୍ଛେଦ ଯଥେଷ୍ଟ ନୁହେଁ। ଶିକ୍ଷାରେ ବ୍ୟାପକ ନିବେଶ ସହ ଭିତ୍ତିଭୂମିର ବିକାଶ ଆବଶ୍ୟକତା ଥିବାବେଳେ ପିଲାଙ୍କ ବିକାଶ ପ୍ରତି ଧ୍ୟାନ ଦିଆଯିବା ଜରୁରୀ। ଏବେ କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମରେ ଫେଲ ବ୍ୟବସ୍ଥା ଉଠାଇଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଶିକ୍ଷା ରାଜ୍ୟସରକାରଙ୍କ ତାଲିକାଭୁକ୍ତ ହୋଇଥିବାରୁ ନଥିବା ରାଜ୍ୟଗୁଡିକ ତୁରନ୍ତ ଏହାକୁ ରଦ୍ଦ କରିବା ଆବଶ୍ୟକ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଆଞ୍ଜୁଳାଏ ବସନ୍ତ

ସୁଜିତ୍ କୁମାର ମିଶ୍ର

**କୁହୁତାନ**
କାହିଁ ଗଲା ସେଇ ମଧୁ କୁହୁତାନ
ବସନ୍ତର ଆଗମନେ,
ମନ ମାରି କଣ ବସିଛି କି ପିକ
ଦେଖି ନର ଦାଉ କ୍ଷଣେ ?

**ମୃଦୁ ମଳୟ**
ମୃଦୁ ମଳୟ ତା ପରଶରେ ସିନା
ମନକୁ କରଇ ସୁଖୀ,
ଲୁହ ଜୁଡୁବୁଡୁ ଆଖିର ଲୁହକୁ
ପାରେନାହିଁ କିନ୍ତୁ ଦେଖି ।

**ବଉଳ**
ବଉଳ ଦିଶୁନି ଆମ୍ବ ବନେ ଆଉ
ଚୋରେଇ ନେଇଛି କିଏ,
ଯେପରି କୁଆଁରୀ ମନରୁ ବଉଳ
କାମୁକ ଛଡାଇ ନିଏ ।

**ନିର୍ମଳ ନଭ**
ନିର୍ମଳ ନଭରେ ପ୍ରତୀୟମାନ ଯେ
ପବିତ୍ର ମନର ଛବି,
ବସନ୍ତ ସେପାଇଁ ଦେଇଛି ଚିଟାଉ
ହୁଅ ଆଧାତ୍ମିକବାଦୀ ।

**ବସନ୍ତପଞ୍ଚମୀ**
ମୁଣି ଧରି ମାଆ ଜ୍ଞାନ ବିତରନ୍ତି
ବସନ୍ତପଞ୍ଚମୀ ଦିନ,
କୁହ କେତେ ଜଣ ଭାଗ୍ୟବାନ ଏଠି
ରଖନ୍ତି ଦେଶର ମାନ ।



ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ଶୀତ ସକାଳ

ଅନସୂୟା ପଣ୍ଡା

ଆକାଶ ଟାଣି ଓଟାରି ହେଉଥିଲା
ଆଲୋକ ଆଉ ଅନ୍ଧାରରେ
ଅଭେଦ୍ୟ କୁହୁଡ଼ିର
ଅନୁଚ୍ଚାରିତ ଅବୁଝା ଶବ୍ଦରେ
ଠିକ୍ ମଣିଷମାନଙ୍କ ପରି ।

କୁହୁଡ଼ି ପାହାଡ ଅଣ୍ଟାରେ
ଜଡେଇ ହେଇଥିଲା
ଆତ୍ମୀୟତାର ଗାମ୍ଭୀର୍ଯ୍ୟରେ
ନୀଳ ଆସକ୍ତି ଲଲାଟରେ ମାଖି
ଲେଖୁଥିଲା ଶୀତୁଆ ସକାଳର ଅଭିବ୍ୟକ୍ତି ।

ରାଗ ରାମକେରୀ ଗାଇଗାଇ
କଟାଧାନ ଉପରେ ଶିଶିର ବିନ୍ଦୁ
ସୂର୍ଯ୍ୟସ୍ନାନରେ ଆଙ୍କିଥାଏ
କୁନ୍ଦକାମର ସ୍ୱର୍ଣ୍ଣିମ ଶୃଙ୍ଗାର
କିଛି ନବ ଅନୁରାଗର
ମୂର୍ଚ୍ଛନା ପରଶି ।

ନିର୍ମୋହା ଶୀତସକାଳକୁ
ସମ୍ଭାବନାର ଶବ୍ଦରେ
ଅଙ୍କୁରିତ କରୁଥାଏ
ସୁରେଲି ପ୍ରଭଞ୍ଜନ
ଖରାରେ ସାଉଁଳେଇ ।

ଆମ ଗାଁ ନଈ
ଲହରେଇ ଲହରେଇ
ଗାଉଥିଲା ସୁଫୀ ସଙ୍ଗୀତ
ଚିନ୍ମୟ ତୃପ୍ତିର ଅନ୍ତରୀକ୍ଷ ଛୁଇଁ
ଅଦମ୍ୟ କ୍ଲାନ୍ତିକୁ ଦୁରେଇ ।

ଭୂଲୋକରେ ଲୋଟିଥିଲା ପାରିଜାତ
ଅମୃତ ଆଳାପରେ
ଉତଫୁଲ୍ଲିତ ହୋଇ
ଦେହସାରା ବାଲି ଆଉ ନିହାରର
ମିଶ୍ରିତ ରାଗରେ
ସମର୍ପଣର ଅନୁକମ୍ପା ନେଇ ।

ଦେହର ଶୀତଲୁଗାରେ
ଅନେକ ଅତଷ୍ଟ ବେଳାର
ଅକୁହା କଥା ଥିଲା
ନଜର ବନ୍ଦୀ ଆତ୍ମିକପଣର
ଲେଖି ଇତିବୃତ୍ତି ।



ଶୀତକାଳ ଆସିଛି ବୋଲି
ଜଞ୍ଜାଳର ରଡନିଆଁକୁ
ଦେହରେ ମାଖି ପୂରା ଫିରେ
ଭୁଲିଯାଏ କାମବ୍ୟସ୍ତତାରେ ।

ଗାଧୁଆ ତୁଠର ପଥରରେ
ମନକୁ ଘସୁଥିଲା ସ୍ୱିଷପଣରେ
ରାଜଜେମା ବୟସର ଚାପରେ
ଶୀତ ସକାଳକୁ ଖୋସି ଅଣ୍ଟିରେ ।

ବୁର୍ଲା, ସମ୍ବଲପୁର
ମୋ-୮୩୨୮୯୪୫୮୮୫

## ତୁମକଥା ମନେପଡେ

ରମାକାନ୍ତ ଦାସ

ତୁମକଥା ମନେପଡେ...
ଅନ୍ଧାର ରାତ୍ରିର ନିଶବ୍ଦ ପ୍ରହରରେ
ଝରା ଶେଫାଳୀର ବାସ୍ନାରେ
ତାରାମାନଙ୍କ ଚିକିମିକି ଆଲୋକରେ ।।

ତୁମକଥା ମନେପଡେ...
ମୋ ସ୍ୱପ୍ନର ଅଧାଦେଖା ହାଇରେ
ସରିଯାଉଥିବା ପାହାନ୍ତିଆ ପ୍ରହରରେ
ଆଖିର ଅଛପା ଲୁହର ବର୍ଷାରେ ।।

ତୁମକଥା ମନେପଡେ...
ଚଳଚଞ୍ଚଳ ମନର ଅଜବ ନିଶ୍ୱାସରେ
କାକର ଭିଜା ଭିଜା ଶୀତ ସକାଳରେ
ଶରତ ସନ୍ଧ୍ୟାର ଗୋଧୂଳି ଲଗନରେ ।।

ତୁମକଥା ମନେପଡେ...
ଭିନ୍ନ ଭିନ୍ନ ଭାବନାରେ
ଛାତିର ଅକୁହା ଯନ୍ତ୍ରଣା ଭିତରେ
ଆଖିରୁ ଝରୁଥିବା ଅମାନିଆ ଲୁହରେ ।।

ତୁମକଥା ମନେପଡେ...
ତୁମ ସ୍ମୃତିର ମହକରେ
ଅଚିହ୍ନା ଅବୋଧ ମୁହୂର୍ତ୍ତରେ
କେବେ ଏକାନ୍ତରେ ତ
ପୁଣିକେବେ ଅଜସ୍ର ଭିଡ଼ ଭିତରେ ।।



ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ସୂର୍ଯ୍ୟାସ୍ତ

ଡ. ଦୀପକ କୁମାର ମିଶ୍ର

ମୋ ଭିତରେ ଅଛି ଗୋଟେ ଏପରି ଆକାଶ
ଯେଉଁଠି ରହେ
ଦିଗ ବିଦିଗ ଅଳଙ୍କୃତ କରିଥିବା
ଗୋଟେ ଅସ୍ତଗାମୀ ସୂର୍ଯ୍ୟ ।

ଏଠି ଅସ୍ତାଚଳ ଉଦୟବିହୀନ
ପ୍ରେମ ଅରୁଣିମାହୀନ
ଅନ୍ଧାର ପୂର୍ବରୁ ଜନ୍ମ ଲଭି
ହୁଏ ଠିକ୍ ଅନ୍ଧାରରେ ଶେଷ ।

ମୋ ଛାତିରେ ପାଦ ଦେଇ
ଗର୍ଭବତୀ ହୁଏ ରାତି
ମହକେ ରଜନୀଗନ୍ଧାର ଗୀତ
ମୁଁ ସାକ୍ଷୀ ସାଜେ
ବିକଟାଳ ଭଙ୍ଗୁର ସ୍ୱପ୍ନର
ସ୍ୱପ୍ନ ପର ଅବାସ୍ତବ, ଅସ୍ଥିର ମନର ।

ପାହାନ୍ତିଆ ଫେରନ୍ତା ବାଟରେ
ମିଳନ୍ତି ଅଦ୍ଭୁତ ଜୀବଜନ୍ତୁମାନେ
ଯେଉଁମାନେ ଫେରୁଥାନ୍ତି

ଯେଝା ଯା'ର ଆଶ୍ୱସ୍ତ ଆରଣ୍ୟକରୁ
କିଛି ଯନ୍ତ୍ରଣାମୟ ଜୀବନ ଧରି
ସେହି ଯନ୍ତ୍ରଣାସିକ୍ତ
ଗୋଡ଼ି ଗରଡ଼ା ପୂର୍ଣ୍ଣ ମୋରମ ରାସ୍ତାରେ ।

ପୁଣି ଫେରିବାକୁ ପଡ଼େ ପାଦ ଚିପି
ପ୍ରତ୍ୟୁଷହୀନ ପ୍ରଦୋଷକୁ
ଦିନଟିଏ ଆତ୍ମଗୋପନ କରିବାକୁ
ଅଭିଶପ୍ତ ଭାଗ୍ୟ ଭୋଗୁଥିବା
ମୋ ଭିତର ସୂର୍ଯ୍ୟଟିର
ନେତିନେତିର ନିୟତି ଗଣିବାକୁ
ଯାହାର ଗତି ସଦା ସର୍ବଦା
ଅନ୍ଧାରରୁ କେବଳ ଅନ୍ଧାର ପର୍ଯ୍ୟନ୍ତ ।



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ମନରାଜା

ବିନୟ କୁମାର ମିଶ୍ର

ମନେ ମନେ ପାଳ ପକାଇ ଯିଏ ଉଚ୍ଚା ହୁଅଇ,
କିଂଶୁକ ପରାଏ ଜନମି ପଦ୍ମ ବୋଲି ଭାବଇ ।।

ନିଜେ ଶ୍ରେଷ୍ଠ ବୋଲି ଭାବିକି ଯିଏ କର୍ମ କର,
ଗର୍ବ ବହି ମନେ ଅନ୍ୟକୁ ବେଖାତିର
କରଇ ।।

ତୁଚ୍ଛ ବୋଲି ଭାବେ ଅନ୍ୟକୁ ଅଳ୍ପ ସ୍ୱଳ୍ପ ମନରେ,
ତୋର ମୋର ଭାବ ରଖିକି ଯିଏ ଚଳେ ସଂସାରେ ।।

ସେ ବ୍ୟକ୍ତିର ବନ୍ଧୁ ନ ଥାନ୍ତି କେହି
ଏ ସମାଜରେ,
ବିପଦେ ପଡ଼ିଲେ କେହିବି ନ ଆସନ୍ତି ଦୂରରେ ।।

କାରେ ଦେଖି ଯଦି ସେଭଳି ହେବା ପାଇଁ କେ ଭାବେ,
ଗୁଣ ତା ଭିତରେ ନ ଥିଲେ ଉପହସିତ ଭବେ ।।

ନିଜ ତ୍ରୁଟି ପାଇଁ ଓକିଲ ହେବା ପାଇଁ ନ ଭାବ,
ପର ଦୋଷ ଦେଖି ନିଜକୁ ବିଚାରକ ନ ଭାବ ।।

ମାୟା ମୋହ ଭରା ଜୀବନେ କର୍ମ
ଯୋଗଟି ବଡ,
ସୁକର୍ମରେ ଇଷ୍ଟ ମିଳନ୍ତି ଭକ୍ତି କଲେ ଯୋଗାଡ ।।

ଭକ୍ତି ବଳେ ଇଷ୍ଟ ମିଳନ୍ତି ଜୀବେ ଥିଲେ ଆବେଗ,
ଭକ୍ତିମାର୍ଗ ଅଟେ ସହଜ ଶୀଘ୍ର ସିଦ୍ଧିଦାୟକ ।।

ଜ୍ଞାନମାର୍ଗେ ଗଲେ ଜଗତେ ବ୍ରହ୍ମ ଯେ ଇଷ୍ଟଦେବ,
ସକଳ ଘଟେ ସେ ବସନ୍ତି ସେହିଟି
ବାସୁଦେବ ।।

ସିଦ୍ଧିରେ ବାଧକ କାହାକୁ ଯଦି ଭାବ ଖରାପ,
ଆନ ଦୋଷ ମାନ ଧନକୁ ଈର୍ଷା କରିବା ପାପ ।।

ଯଦି କାହାଠାରେ ଦୁର୍ଗୁଣ ଅଛି ତାକୁ ବାହାର କରି,
କହିବା,ଦେଖିବା,ଶୁଣିବା,ଆନେ
ଆକ୍ଷେପ କରି ।।

ଭକ୍ତି ପାଇଁ ଏହା ବାଧକ ଯାର ବୃତ୍ତି ଏପରି,
ନର୍କ ତାହାଠାରୁ ଅଦୂର ହେଉଥାଏ ସେ ଘାରି ।।

ପରମାତ୍ମା ପ୍ରାପ୍ତି ନିମନ୍ତେ ଦେଖ ନାହିଁ ଦୁର୍ଗୁଣ,
ହୋଇଯାଏ ସେହି କ୍ଷଣକେ ନିଜ ପାଇଁ ଦର୍ପଣ ।।

ସମଗ୍ର ଜଗତ ଇଶ୍ୱର ରୂପ ଧ୍ରୁବ ଅଟଇ ଏହା,
ଦୋଷ ଗୁଣ ତୁମ ଭାବନା ଶୁଦ୍ଧ କରଟି ତାହା

ନିଜର କଲ୍ୟାଣ ଚାହିଁଲେ କାରେ ଦିଅନା ଦୋଷ,
ସମ୍ବଙ୍ଗୀର ଦେହ ଭାବନା ନାହିଁ
ସେ ବ୍ରହ୍ମ ଅଂଶ ।।

ଭାବଦେହ ସୂକ୍ଷ୍ମ ମୂଳ ଯେ ସ୍ଥୁଳ ଦେହଟି ଗୌଣ,
ସ୍ଥୁଳ ଦେହ ହେବ ବିଲୀନ ଭାବ ସ୍ଥିରଟି ଜାଣ ।।

ସୃଷ୍ଟି ନୀରବରେ ହୁଅଇ ଶବ୍ଦ କରେ ବିନଷ୍ଟି,
ସୃଷ୍ଟି ଶାନ୍ତ ମୌନ ଲକ୍ଷଣ ଲୟ ଶବ୍ଦ ସମଷ୍ଟି ।।

ହରି ଯେ ସର୍ବତ୍ର ସମାନ ବ୍ୟାପିଛନ୍ତି ଜଗତେ,
ପ୍ରତି ଧୂଳି କଣା ମଧ୍ୟରେ ହରି ପ୍ରେମେ ପ୍ରକଟେ ।।

କୁସଙ୍ଗର ତ୍ୟାଗ ଭକତ ସଙ୍ଗ ମମତା ଥିଲେ,
ଭଗବତ ପ୍ରାପ୍ତି ହୋଇବ ଏହି ଗୁଣ ରଖିଲେ ।।

ବୁଦ୍ଧି,ଚତୁରତା,ତତ୍ପର ଶ୍ରମଶୀଳତା ରଖ,
ଜୀବନ ସଫଳ ହୋଇବ କେବେ ନୋହି ବିମୁଖ ।।

ନିଆଳ ଖୋର୍ଦ୍ଧା

## ଶୀତଳ ପରଶ

ପ୍ରଣୀତା ମିଶ୍ର

ତୁମ ସ୍ପର୍ଶରେ ଜଡ ହୁଏ ଜୀବନ୍ତ
ଊଷର ଭୂଇଁ ହୁଏ
ଶସ୍ୟ ଶ୍ୟାମଳିତ
ନିର୍ଜୀବରେ ଭରିଯାଏ ଜୀବନ
ଯେବେ ତୁମେ ହୁଅ ଆବିର୍ଭୂତ
ନିଦାଘର କରି ଅବସାନ ।

ଆଶ୍ୱସ୍ତ ହୁଏ ଧରିତ୍ରୀ
ଛମଛମ ଯାଏ ନାଚି
ତନ୍ଦ୍ରାହୀନ ନୟନରେ
ତୃଷ୍ଣାଭରା ଅଭିବ୍ୟକ୍ତି ।

ଫୁଲ ଫୁଟେ ବଗିଚାରେ
ଭୁରୁଭୁରୁ ବାସ ଭରେ
ପ୍ରଣୟ ରଚେ ବେଙ୍ଗୁଲି
ଛୁପି ଛୁପି ସାରୁ ଗଛ ଉହାଡରେ ।

ରାତ୍ରି ଆଣଇ ସପନ
ଉଚ୍ଚାଟ ବିରହୀ ମନ
ବେଦନା ଶିଖର ତଳେ
ଦାଉ ଦାଉ ନିଆଁ ଜଳେ
ସେହି ଆର୍ଦ୍ର ଶୀତଳ ପରଶେ ।
ଚକୋରର ତୃଷ୍ଣା ମେଣ୍ଟେ
ଶିଖୀ ଆନନ୍ଦରେ ନାଚେ
ରାତ୍ରି ହୁଅଇ ଗଭୀର
ପ୍ରଣୟର ଅଭିରସେ ।

ତୁମ ଛୁଆଁରେ ଧରଣୀ
ସବୁଜ ଓଢ଼ଣା ଟାଣି
ସାଜଇ ଅଭିସାରିକା
ପ୍ରେମମୟୀ ଲାସ୍ୟମୟୀ
ତୋଳି ସଙ୍ଗୀତ ରାଗିଣୀ ।
ସ୍ରୋତସ୍ୱିନୀ ପୂର୍ଣ୍ଣଗର୍ଭା
କ୍ଷେତଭରା ଶ୍ୟାମଳ ସମ୍ପଦ
କୁହୁକିନୀ ସ୍ପର୍ଶ ତୁମ
କରେ ଅବା ସତେ କି କିମିଆ !
ବର୍ଷ ପରେ ବର୍ଷ
ତୁମର ସେ ଅପୂର୍ବ ପରଶ
ଲୋଡଇ ଜୀବଜଗତ
ତୁମେ ହିଁ ତ ଆଣି ଆସ
ସବୁରି ଜୀବନେ
ଅପୂର୍ବ ଆନନ୍ଦର ସ୍ରୋତ ।



## ଆଖିକୁ ନେଇ ଗୋଟେ କବିତା

ସଞ୍ଜୟ ଖେମୁଣ୍ଡୁ

ସବୁଠାରେ ସେ ଆଖି ଆଜି ଖୁବ ଚର୍ଚ୍ଚାର ବିଷୟ
କେଉଁ ମିଡ଼ିଆ ବାଲା ତାକୁ ନେଇ
ତା'ସମ୍ବାଦ ପତ୍ରର ହେଡ ଲାଇନ ବନାଏ
ତ ଆଉ କିଏ ତାର ସୁଷମାକୁ ନେଇ
ପ୍ରେମ ସଂଗୀତ ଗାଏ ।

ତେବେ ସେ ଆଖି
ସତରେ ! ଖୁବ ସୁନ୍ଦର ଓ ଲୋଭନୀୟ
ତାକୁ ଯିଏ ବି ଦେଖେ ତା' ଆଡ଼କୁ ଆକର୍ଷିତ ହୋଇ ଯାଏ
ଆଉ କିଛି ନ କହି ବି ସେ ଆଖି ଅନେକ କିଛି କହୁଥାଏ ।
ସେଥିପାଇଁ ସିନା ସେ ଆଖିରେ ତାତି ଉଠେ
ସବୁ ସ୍ନେହମୟୀ ମାଆ ଛାତି ଭିତରର ଦରସିଝା ପ୍ରୀତିରସ,
ସେଥିପାଇଁ ସିନା ସେ ଆଖି ଦେଇ ସ୍ପଷ୍ଟ ଦେଖିହୁଏ
କେତେ କେତେ ଅଭିଶପ୍ତ ଜାତିର ଲୁପ୍ତ ଇତିହାସ ।



ହେଲେ ସେ ଆଖିର ଅକୁହା ଭାଷାକୁ କିଏ ପଢ଼େ ?
ନା ବୁଝିବାକୁ ଚେଷ୍ଟା କରେ ତାର ସାର ନିର୍ଯ୍ୟାସ ?
ଖାଲି ଯାହା ଯିଏ ତାକୁ ଯେଉଁଭଳି ଭାବେ ଚାହେଁ
ସେଇଭଳି ଭାବେ ନିଜ ନିଜ ବିଷୟ ବସ୍ତୁର
ଉପାଦାନ ବୋଲି ଧରିନିଏ ସିନା ଆଉ କିଛି ନୁହେଁ ।

ତେବେ ପ୍ରକୃତରେ କାହାର ସେ ଆଖି ?
ସ୍ୱର୍ଗରୁ ଓହ୍ଲେଇଥିବା କେଉଁ ଅଭିଶପ୍ତା ଦେବୀର ?
ନା ପ୍ରସିଦ୍ଧ ଚିତ୍ରକର ଦାଭିଞ୍ଚି ମହାଶୟଙ୍କର ହସ ଓ କାନ୍ଦ ମିଶା
ରହସ୍ୟମୟୀ ଚିତ୍ର ମୋନାଲିସାର ?

ହେଲେ କିନ୍ତୁ ନା,ସେ ଆଖି ଏ ଦୁଇଙ୍କ ଭିତରୁ
କାହାରି ବି ମୋଟେ ନୁହଁ ।
ସେ ଆଖି ହେଉଛି ତେଲ ଓ ଲୁଣର ସଂସାର ଭିତରେ
ନିତି ଜନ୍ମି ନିତି ମରୁଥିବା ଜଣେ ପ୍ରେମ କାଙ୍ଗାଲୁଣୀ ମାତୃମୂର୍ତ୍ତିଟିର
ଯିଏ ନିଜ ମାନ ମର୍ଯ୍ୟାଦାକୁ ପଛରେ ରଖି
ସାମାନ୍ୟ ମାଳା ବିକି
ବଞ୍ଚାଏ ଆଗ ନିଜ ପରିବାର
ଯିଏ ପେଟର ଯନ୍ତ୍ରଣାକୁ ତା'ଆଖିରେ ଚିତ୍ରିତ କରି
ଜଣାଇ ଦେବାକୁ ଚାହେଁ
ଡହ ଡହ ଭୋକ ଆଉ ଶୋଷର ଏ ସହର ।

ସେଥିପାଇଁ ବୋଧେ ସେ ଆଜି
ସ୍ପଷ୍ଟ ବାରି ହେଇ ପଡ଼େ
କୁମ୍ଭମେଳାର ଏତେ ଭିଡ଼ ଭିତରେ ବି,
ଆଉ ସେ ଆଖିକୁ ନେଇ
ଅନାବନା କବିତାଟେ ଲେଖିପକାଏ
କେହି ଜଣେ ଅଜଣା କବି ।

ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୁରଭଞ୍ଜ
ଫୋନ -୭୮୫୪୦୧୦୫୧୯

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ

# ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୂଲ୍ୟରେ ଉଦ୍‌ଯାପନୀ ଦିବସରେ ପଏଣ୍ଟ ଟେବୁଲ୍‌ରେ ଶୀର୍ଷରେ ରହି ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ ଓ କେଟି ଗ୍ଲୋବାଲ ଦଳ ଉପ ବିଜେତା ଭାବେ ଘୋଷିତ ହୋଇଛନ୍ତି। ଗୁରୁବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବ୍ଲୁବାର୍ଡ କ୍ଲବ୍ ଗୁରୁଜଙ୍ଗଙ୍କୁ ୧୦ ୱିକେଟରେ ହରାଇବା ସହ ସମସ୍ତ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିଅନ ଓ ଦ୍ୱିତୀୟ ସ୍ଥାନରେ ରହି କେଟି ଗ୍ଲୋବାଲ କ୍ଲବ୍ ଉପ ବିଜେତା ହୋଇଛନ୍ତି। ଗୁରୁଜଙ୍ଗ ଦଳ ଟସ୍‌ରେ ବିଜୟ ହୋଇ ପ୍ରଥମେ ବ୍ୟାଟିଂ କରି ୩୮.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୨୦୦ ରନ କରିଥିଲେ। ଦଳ ପକ୍ଷରୁ ରୁଦ୍ର ପ୍ରାସାଦମଲ୍ଲିକ ୧୧୭ ରନ୍ କରିଥିବାବେଳେ ଖୋର୍ଦ୍ଧା ତରଫରୁ ଅଭିଜିତ ମହାନ୍ତି ୪ଟି ୱିକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା ଦଳ ୨୨ ଓଭରରେ କୌଣସି ୱିକେଟ୍ ନହରାଇ ଆବଶ୍ୟକ ୨୦୧ ରନ୍ କରିନେଇଥିଲେ। ଖୋର୍ଦ୍ଧା ଦଳ ପକ୍ଷରୁ ପ୍ରତ୍ୟୁଷ ମହାନ୍ତି ୭୦ ବଲ୍‌ରୁ ୨୩ ଚୌକା ଓ ୯ ଛକା ସହ ଅପରାଜିତ ୧୫୩ ରନ ଓ ଦେବାଂଶୁ ଜେନା ଅପରାଜିତ ୩୭ ରନ ସଂଗ୍ରହ କରିଥିଲେ। ଖେଳକୁ ପ୍ରିତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରି ଏବଂ ସୁଧୀର ସାହୁ ଓ ବ୍ରିଜେଶ ପ୍ରଧାନ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ଏହି ମ୍ୟାଚ୍‌ରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡି ପ୍ରସାଦ ଆଚାର୍ଯ୍ୟ, କୋଚ୍ ରୋହିତ ରଞ୍ଜନ ରୟ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା କ୍ରିକେଟ୍ ସମର୍ଥକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ବହୁ ନେତୃବୃନ୍ଦ ତଥା କ୍ରୀଡ଼ା ସମର୍ଥକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ବାରବାଟୀ ମ୍ୟାଚ୍ ପାଇଁ ଦିନକରେ ସରିଗଲା ଟିକେଟ୍ ବିକ୍ରି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଲାଇନ୍‌ରେ ଲୋକ, ହେଲେ କାଉଣ୍ଟରରୁ ସରିଗଲାଣି ଟିକେଟ୍। ତଥାପି କାଉଣ୍ଟର ଆଗରେ ଲାଗିଛି ଲୋକଙ୍କ ଭିଡ଼। କଟକ ବାରବାଟୀ ଷ୍ଟାଡିୟମ୍‌ରେ ଥିବା ଟିକେଟ୍ କାଉଣ୍ଟରରେ ଗୁରୁବାର ଦିନ ବି ଟିକେଟ୍ ନେବା ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ଫେବୃୟାରୀ ୯ରେ କଟକ ବାରବାଟି ଷ୍ଟାଡିୟମ୍‌ରେ ଖେଳାଯିବ ଇଣ୍ଡିଆ-ଇଂଲଣ୍ଡ ଦିନିକିଆ ମ୍ୟାଚ୍। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଏବଂ ଅଫଲାଇନ୍‌ରେ ଟିକେଟ୍ ବିକ୍ରି ହେଉଛି। ଅନ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ସରିଥିବା ବେଳେ ଅଫଲାଇନ୍‌ରେ ଚାଲିଛି ଟିକେଟ୍ ବିକ୍ରି। ବୁଧବାରଠୁ ଟିକେଟ୍ ବିକ୍ରି ଆରମ୍ଭ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଯେଉଁଥି ଲାଗି ମଙ୍ଗଳବାର ରାତିରୁ ଟିକେଟ୍ କାଉଣ୍ଟର ଆଗରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବୁଧବାର ଦିନ ହିଁ ଅଫଲାଇନ୍‌ରେ ସମସ୍ତ ଟିକେଟ୍ ବିକ୍ରି ସରିଥିଲା। ହେଲେ ଗୁରୁବାର ଦିନ ଅନେକ ଲୋକ ଟିକେଟ୍ କାଉଣ୍ଟରରେ ଲାଇନ୍‌ରେ ଛିଡ଼ା ହୋଇଛନ୍ତି। ଆଉ ଟିକେଟ୍ ନେବା ପାଇଁ ଜିଦ୍ ଧରିଛନ୍ତି। ତେବେ କାଉଣ୍ଟରରେ ଟିକେଟ୍ ନଥିବା କହି ପୋଲିସ ସମସ୍ତ ଲୋକଙ୍କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲା। ହେଲେ ଲୋକ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଆଉ ଟିକେଟ୍ ଆଶାରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଦିନିକିଆରେ ବିଜୟରୁ ଅଭିଯାନ ଆରମ୍ଭ କଲା ଟିମ୍ ଇଣ୍ଡିଆ

**ନାଗପୁର**

ଟି-୨୦ ଅନ୍ତର୍ଜାତୀୟ ସିରିଜ୍ ୪-୧ରେ ଜିତିବା ପରେ ଏବେ ଦିନିକିଆ ସିରିଜ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କଲା ଟିମ୍ ଇଣ୍ଡିଆ। ଗୁରୁବାର ମହାରାଷ୍ଟ୍ରର ନାଗପୁର ସ୍ଥିତ ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯାଇଛି।

ଗୁରୁବାରର ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪୭.୪ ଓଭରରେ ୨୪୮ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଜବାବରେ ଭାରତ ୪ ୱିକେଟ୍‌ରେ ମ୍ୟାଚ୍ ଜିତି ନେଇଛି। ଭାରତ ପକ୍ଷରୁ ବିଜୟର ନାୟକ ସାଜିଛନ୍ତି ଶୁଭମନ ଗିଲ୍। ସେ ୯୬ ବଲ୍‌ରେ ୮୭ ରନ୍ କରି ଇଂଲଣ୍ଡ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଛନ୍ତି। ସେହିପରି ଶ୍ରେୟସ ଆୟର ଓ ଅକ୍ଷର ପଟେଲଙ୍କ ଅର୍ଦ୍ଧଶତକ ଟିମ୍ ଇଣ୍ଡିଆକୁ ବିଜୟୀ କରାଇବାରେ ବଡ଼ ଭୂମିକା ନିଭାଇଛି। ଏହି ମ୍ୟାଚ୍‌ରେ ଏହି ୩ ଖେଳାଳି ସୁପର ଷ୍ଟାର ପ୍ରଦର୍ଶନ କରିଛନ୍ତି।

ଇଂଲଣ୍ଡ ଦେଇଥିବା ୨୪୯ ରନର ଟାର୍ଗେଟ୍ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଆରମ୍ଭରୁ ଦୁର୍ବଳ ପ୍ରଦର୍ଶନ କରିଥିଲା। ପ୍ରଥମ ଦିନିକିଆରେ ଫ୍ଲପ୍ ମାରିଥିଲେ ହିଟ୍‌ମ୍ୟାନ୍ ରୋହିତ ଶର୍ମା। ସେ ୭ ବଲ୍ ଖେଳି ମାତ୍ର ୨ ରନ୍ କରି ଆଉଟ୍ ହୋଇଯାଇଥିଲେ। ଶକିବ ମହମ୍ମୁଦ ତାଙ୍କୁ କ୍ୟାଚ୍ ଆଉଟ୍ କରାଇଥିଲେ। ସେହିପରି ଓପନିଂ ପାଇଁ ଆସିଥିବା ଜଶସ୍ୱୀ ଜୟସ୍ୱାଲ ମଧ୍ୟ ମାତ୍ର ୧୫ ରନ୍ କରି ପାଭିଲିଅନ ଫେରିଥିଲେ। ଏହାପରେ ସବୁ ଚାପ ଶୁଭମନ ଗିଲ୍‌ଙ୍କ ଉପରକୁ ଚାଲି ଆସିଥିଲା।

ଏହାପରେ ଶ୍ରେୟସ ଆୟର ଓ ଶୁଭମନ ଗିଲ୍ ଦୁହେଁ ମିଶି ୧୦ ଓଭର ଯାଏ ଭଲ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ଶ୍ରେୟସ ଆୟର ବିସ୍ଫୋରକ ଶୈଳୀରେ ବ୍ୟାଟିଂ କରି ୩୬ ବଲ୍‌ରେ ଦ୍ରୁତ ୫୯ ରନ୍ ସଂଗ୍ରହ କରିଥିଲେ। ଦଳୀୟ ସ୍କୋର ୧୧୩ ବେଳେ ଜାକବ ବେଥେଲଙ୍କ ବଲ୍‌ରେ ଏଲ୍‌ବିଡବ୍ଲୁ ହୋଇ ପାଭିଲିଅନ ଫେରିଥିଲେ ଆୟର। ଏହାପରେ ଶୁଭମନଙ୍କୁ ସହଯୋଗ କରିବାକୁ ପଡ଼ିଆକୁ ଓହ୍ଲାଇଥିଲେ ଅକ୍ଷର ପଟେଲ। ସେ ମଧ୍ୟ ଶୁଭମନଙ୍କ ସହ ମିଶି ରକ୍ଷଣଶୀଳ ଖେଳ ପ୍ରଦର୍ଶନ କରିଥିଲେ। ଦୁଇ ବ୍ୟାଟର ଚତୁରତାର ସହ ୱିକେଟ୍ ରଖି ସ୍କୋରବୋର୍ଡକୁ ଆଗକୁ ନେଇଥିଲେ।

ଦଳୀୟ ସ୍କୋର ୨୨୧ରେ ପହଞ୍ଚାଇବା ପରେ ଆଦିଲ ରଶିଦଙ୍କ ବଲ୍‌ରେ ଅକ୍ଷରଙ୍କ ୱିକେଟ୍ ଯାଇଥିଲା। ତେବେ ଆଉଟ ହେବା ପୂର୍ବରୁ ଅକ୍ଷର ପଟେଲ ଦଳ ପାଇଁ ୪୭ ବଲ୍ ଖେଳି ୫୨ ରନ୍‌ର ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଏଥିରେ ସେ ୬ଟି ଚୌକା ଓ ଗୋଟିଏ ଛକ୍କା ମାରିଥିଲେ। ସେପଟେ ଧୈର୍ଯ୍ୟର ସହ ବ୍ୟାଟିଂ ଜାରି ରଖିଥିଲେ ଶୁଭମନ ଗିଲ୍। ଅକ୍ଷର ଆଉଟ୍ ହେବାର ଦୁଇ ଓଭର ଭିତରେ କେଏଲ୍ ରାହୁଲ (୯ ବଲ ୨ ରନ୍) ଓ ଶୁଭମନ ଗିଲଙ୍କ ୱିକେଟ୍ ଯାଇଥିଲା।

ଶୁଭମନ ଗିଲ୍ ୯୬ ବଲ୍‌ରେ ୮୭ ରନ୍‌ର ବଡ଼ ଇନିଂସ୍ ଖେଳିଥିଲେ। ଯେଉଁଥିରେ ସେ ୧୪ଟି ଚୌକା ମାରିଥିଲେ। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବିନ୍ଦ୍ର ଜାଡ଼େଜା ଶେଷରେ ବ୍ୟାଟିଂ କରି ଦଳକୁ ମ୍ୟାଚ୍ ଜିତାଇଥିଲେ। ଜାଡ଼େଜା ୧୦ ବଲ୍‌ରେ ୧୨ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୬ ବଲ୍‌ରେ ୯ ରନ୍ କରିଥିଲେ। ଫଳରେ ଭାରତ ୩୮.୪ ଓଭରରେ ୬ ୱିକେଟ୍ ହରାଇ ୨୫୧ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବ୍ୟାଟିଂରେ ଶେଷ ବେଳକୁ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ରବିନ୍ଦ୍ର ଜାଡ଼େଜା ଗୁରୁବାର ବୋଲିଂରେ କମାଲ ଦେଖାଇଥିଲେ। ସେ ୩ ଟି ୱିକେଟ୍ ମଧ୍ୟ ନେଇଥିଲେ।

ସେହିପରି ଇଂଲଣ୍ଡ ପକ୍ଷରୁ ଶାକିବ ମହମ୍ମଦ ଓ ଆଦିଲ ରଶିଦ ଦୁଇଟି ଲେଖାଏ ୱିକେଟ୍ ନେଇଥିବା ବେଳେ ଜାକୋବ ବାଥେଲ ଗୋଟିଏ ୱିକେଟ୍ ନେଇଥିଲେ। ଅନ୍ୟ କୌଣସି ଇଂଲଣ୍ଡ ବୋଲର ଭାରତୀୟ ବ୍ୟାଟରଙ୍କୁ ଅଟକାଇ ପାରି ନଥିଲେ।



## ଅଷ୍ଟ୍ରେଲିଆକୁ ଲାଗିଲା ସବୁଠାରୁ ବଡ଼ ଝଟ୍‌କା

# ବାଦ୍ ପଡ଼ିଲେ ଅଧିନାୟକ କମିନ୍ସଙ୍କ ସମେତ ୨ ପ୍ରମୁଖ ବୋଲର

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆରମ୍ଭ ହେବାକୁ ଆଉ ଦୁଇ ସପ୍ତାହରୁ କମ୍ ସମୟ ବାକି ଅଛି। ହେଲେ ବିଶ୍ୱ ଚାମ୍ପିଅନ ଅଷ୍ଟ୍ରେଲିଆକୁ ଗୋଟିଏ ପରେ ଗୋଟିଏ ଝଟ୍‌କା ଲାଗୁଛି। ମିଚେଲ ମାର୍ଶ ପୂର୍ବରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବାବେଳେ ମାର୍କସ ଷ୍ଟୋଇନିସ୍ ମଧ୍ୟ ହଠାତ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏବେ ଅଷ୍ଟ୍ରେଲିଆକୁ ଆହୁରି ବଡ଼ ଝଟ୍‌କା ଲାଗିଛି କାରଣ ଦଳର ଅଧିନାୟକ ପ୍ୟାଟ କମିନ୍ସ ଏବଂ ଷ୍ଟାର ଦ୍ରୁତ ବୋଲର ଜୋଶ ହାଜେଲଉଡ୍ ମଧ୍ୟ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ଦଳର ଉଭୟ ଅଭିଜ୍ଞ ଦ୍ରୁତ ବୋଲର ସମୟ ମଧ୍ୟରେ ଆଘାତରୁ ସୁସ୍ଥ ହୋଇପାରି ନଥିଲେ। ଏଥିଯୋଗୁ ଏବେ ସେମାନେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ନାହିଁ।

ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ ଉଭୟ ଖେଳାଳି ସମୟ ମଧ୍ୟରେ ଫିଟ୍ ହୋଇପାରିବେ ନାହିଁ। ଭାରତ ବିପକ୍ଷ ଟେଷ୍ଟ ସିରିଜ ସମୟରେ କମିନ୍ସ ଆହତ ହୋଇଥିଲେ। କିନ୍ତୁ ସେ ସମଗ୍ର ସିରିଜର ଅଂଶ ଥିଲେ। ସେହିଭଳି ତୃତୀୟ ଟେଷ୍ଟ ସମୟରେ ଜୋଶ ହାଜେଲଉଡ ସିରିଜ୍‌ରୁ ବାହାରେ ଥିଲେ। ସେବେଠାରୁ ଏହି ଦୁଇ ଖେଳାଳି ଫିଟ୍ ହୋଇପାରି ନାହାନ୍ତି। ଏପରି ପରିସ୍ଥିତିରେ, ଏବେ କ୍ରିକେଟ ଅଷ୍ଟ୍ରେଲିଆକୁ ବଦଳ ଖେଳାଳିଙ୍କ ନାମ ଘୋଷଣା କରିବାକୁ ପଡ଼ିବ।

କମିନ୍ସଙ୍କ ଅଧିନାୟକତ୍ୱରେ ହିଁ ଅଷ୍ଟ୍ରେଲିଆ ୨୦୨୩ ବିଶ୍ୱକପ ଜିତିଥିଲା, ଯେଉଁଥିରେ ତାଙ୍କ ବ୍ୟତୀତ ହାଜେଲଉଡ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଉଭୟଙ୍କ ଅନୁପସ୍ଥିତିରେ ବୋଲିଂ ଆକ୍ରମଣର ଦାୟିତ୍ୱ ଏବେ ସମ୍ପୂର୍ଣ୍ଣ ଭାବରେ ବାମହାତୀ ଷ୍ଟାର ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଉପରେ ପଡ଼ିବ। ଅଷ୍ଟ୍ରେଲିଆ ପାଖରେ କେବଳ ଫେବୃୟାରୀ ୧୨ ପର୍ଯ୍ୟନ୍ତ ସମୟ ଅଛି, ଯେତେବେଳେ ସେମାନେ ଆଇସିସିର ଅନୁମତି ବିନା ସେମାନଙ୍କ ଦଳରେ ଏହି ପରିବର୍ତ୍ତନ କରିପାରିବେ। ଏହା ପରେ ସେମାନଙ୍କୁ କୌଣସି ପରିବର୍ତ୍ତନ ପାଇଁ ଆଇସିସିକୁ ଅନୁରୋଧ କରିବାକୁ ପଡ଼ିବ।

# ଆଜିଠୁ ମା’ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ୍ ସୋଧ ୟଙ୍ଗଷ୍ଟାର କ୍ଲବ ଧରମପଡ଼ିଆ ଠାରେ ମା’ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମ କ୍ୱାର୍ଟର ଫାଇନାଲ ୱାରିଅରସ ଟିମ୍ ଚନ୍ଦନପୁର ସହିତ ଆଇଡିଆଲ ୟୁଥ୍ କ୍ଲବ୍ ଲାଲବାଗ ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ୮ ତାରିଖ ଏନସିସି ଦଶରଥପୁର ସହିତ ୟୁନିକ ଏକାଦଶ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ୯ ତାରିଖ ତୃତୀୟ କ୍ୱାର୍ଟର ମ୍ୟାଚ୍ କେସିଏ ଧାମନଗର ସହିତ ଏମସିସି ମାର୍କଣ୍ଡପୁର୍ ଓ ୧୦ ତାରିଖ ଚତୁର୍ଥ କ୍ୱାର୍ଟର ଫାଇନାଲ ସାଳନ୍ଦୀ କ୍ଲବ୍ ଭଦ୍ରକ ସହିତ ଆଇଡିଆଲ ୟୁନିୟନ୍ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ। ୧୧ ତାରିଖ ପ୍ରଥମ ସେମିଫାଇନାଲ ଓ ୧୨ ତାରିଖ ଦ୍ୱିତୀୟ ସେମି ଫାଇନାଲ ହୋଇ ମାର୍ଚ୍ଚ ୨ ତାରିଖ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ୟୁଙ୍ଗଷ୍ଟାର କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଉଦ୍‌ଘାଟିତ ହେଲା କଣ୍ଟାବାଞ୍ଜି ପ୍ରିମିୟର ଲିଗ୍

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ରେଲୱେ ଖେଳ ପଡ଼ିଆ ଠାରେ କଣ୍ଟାବାଞ୍ଜି ପ୍ରିମିୟର ଲିଗ୍ ପଞ୍ଚମ ସଂକରଣର ପ୍ରଥମ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଭବ୍ୟ ଆୟୋଜନରେ ଏହି ଲିଗ୍ ମ୍ୟାଚ୍ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ମ୍ୟାଚ୍ କଣ୍ଟାବାଞ୍ଜି ପ୍ରଭାତ କ୍ଲବ୍ ଏବଂ ସେଭେନ୍ ଷ୍ଟାର କ୍ଲବ୍ ମଧ୍ୟରେ ଖେଳା ଯାଇଥିଲା। ଯେଉଁଥିରେ ପ୍ରଭାତ କ୍ଲବ୍ ବିଜୟୀ ହୋଇଥିଲା। ପ୍ରଭାତ କ୍ଲବ୍‌ର ଅମିତ୍ ଯୁଏଡ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଏହି ଲିଗ୍ ମ୍ୟାଚ୍‌ରେ କଣ୍ଟାବାଞ୍ଜିର ସମୁଦାୟ ୧୦ଟି ଦଳ ଭାଗ ନେଇଛନ୍ତି। ଯେଉଁଥିରେ ଭାରତର ବିଭିନ୍ନ ଜାଗାରୁ ଖେଳାଳିମାନେ ଆସି ନିଜର ଖେଳ ପ୍ରଦର୍ଶନ କରିବେ। କଳିଙ୍ଗ ନଗର କ୍ରିକେଟ କ୍ଲବ୍ ତରଫରୁ ଏହି ଲିଗ୍ ମ୍ୟାଚ ଆୟୋଜନ କରାଯାଇଛି।

ରବୀନ୍ଦ୍ର ସେନାପତି, ରାକେଶ କାମ୍ବଲେ, ଅନିଲ ଅଗ୍ରୱାଲ, ସଞ୍ଜୟ ଗାନ୍ଧୀ, ଅନୁପ ଜଙ୍ଗଡ଼ା, ନାଗେ ଦୀପ, ଶ୍ରୀପତି ସୁନା, ଅଜୟ ତାଣ୍ଡି, ଅଗସ୍ତି ତାଣ୍ଡି, ପ୍ରମୁଖ ଉପସ୍ଥିତ ଥିଲେ।





କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ସପରିବାର ଗୁରୁବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତି ଏବଂ ଶ୍ରୀ ତେନ୍ଦୁଲକର ରାଷ୍ଟ୍ରପତି ଭବନ ପରିସରସ୍ଥ ଅମୃତ ଉଦ୍ୟାନ ବୁଲିଥିଲେ। ପରେ ଶ୍ରୀ ତେନ୍ଦୁଲକର ରାଷ୍ଟ୍ରପତି ଭବନ ପକ୍ଷରୁ ଆୟୋଜିତ ମତବିନିମୟ କାର୍ଯ୍ୟକ୍ରମରେ ଜଣେ କ୍ରିକେଟର ଭାବେ ନିଜର ଯାତ୍ରର ପ୍ରେରଣାଦାୟକ ଉପାଖ୍ୟାନ ଅବତାରଣା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାବିତ୍ ଏବଂ ସ୍କୁଲ କଲେଜର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଟିମ୍ ୱାର୍କ ବା ଦଳଗତ ପ୍ରଚେଷ୍ଟା, ଅନ୍ୟମାନଙ୍କର ଯତ୍ନ ନେବା, ଅନ୍ୟମାନଙ୍କ ସଫଳତାକୁ ମନେଇବା, କଠିନ ପରିଶ୍ରମ, ମାନସିକ ଓ ଶାରୀରିକ ଭାବେ ସଶକ୍ତ ରହିବା ସମେତ ଜୀବନକୁ ସମୃଦ୍ଧ ଭାବେ ଗଢ଼ିତୋଳିବା ଆଦି ବିଭିନ୍ନ ଦିଗ ଉପରେ ତେନ୍ଦୁଲକର ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଦୁର୍ଗମ ଅଞ୍ଚଳରୁ ଏବଂ ଆଦିବାସୀ ସମ୍ପ୍ରଦାୟରୁ କ୍ରୀଡ଼ାବିତ୍ ବାହାରିବେ ବୋଲି ସେ ମତ ଦେଇଥିଲେ।

# ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି-୨୦୨୫ ଓ ପଲ୍ଲୀଶ୍ରୀମେଳା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି-୨୦୨୫ ସମ୍ପର୍କୀୟ ଏକ ସାମ୍ବାଦିକ ସମ୍ମିଳନୀ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଏହି ବୈଠକରେ ଅଧ୍ୟକ୍ଷତା କରି କହିଲେ ଯଯାତି-୨୦୨୫କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫେବୃୟାରୀ ୮ ତାରିଖରେ ପ୍ରଶାସନିକ ଭବନ ପଡ଼ିଆଠାରେ ଶୁଭ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ଚାନ୍ଦମା ପଡ଼ିଆ, ଯାଜପୁର ରୋଡ଼ ଠାରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନା ପ୍ରଥମ ପର୍ଯ୍ୟାୟ ଚତୁର୍ଥ କିସ୍ତି ପ୍ରଦାନ କରିବେ। ଜିଲ୍ଲା ମହୋତ୍ସବ ଯଯାତି-୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ଫେବୃୟାରୀ ୦୮ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଯଯାତି-୨୦୨୫ ଆରମ୍ଭରେ ମା’ ବିରଜାଙ୍କ ମନ୍ଦିର ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ପ୍ରଶାସନିକ ଭବନ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୫୦ ଷ୍ଟଲ୍ ବିଶିଷ୍ଟ ପଲ୍ଲିଶ୍ରୀ ମେଳା ଓ ୪୦ ଷ୍ଟଲ୍‌ର ଫୁଡ୍ କୋର୍ଟ ଆୟୋଜିତ ହେବ। ପଲ୍ଲୀଶ୍ରୀ ମେଳାରେ ସ୍ଥାନୀୟ ଓ ଅନ୍ୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଜିନିଷ ବିକ୍ରୟ କରାଯିବ। ପ୍ରତ୍ୟେକ ଦିନ ସଭା ପୂର୍ବରୁ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସ୍ୱାଗତ ସଙ୍ଗୀତ ଗାନ କରାଯିବ। ଏହା ବ୍ୟତୀତ ବଲିଉଡ୍, ଓଲିଉଡ ଏବଂ ବିଭିନ୍ନ ଜିଲ୍ଲାର ଲୋକସଙ୍ଗୀତ, ଲୋକ ନୃତ୍ୟ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ଦିନ ଓଡ଼ିଶୀର ଗଣେଶ ବନ୍ଦନା ପରିବେଷଣ କରାଯିବ। ଆଦିବାସୀ ଢେମସା, ରାଜସ୍ଥାନୀ ଫୋକ ଡାନ୍ସ, ମାଲାଖମ୍ବ ଆକ୍ଟ, ଭାରତ ନାଟ୍ୟମ, ଷ୍ଟାଣ୍ଡ ଅପ୍ କମେଡି, କଳାହାଣ୍ଡି ଘୁମୁରା ବିଭିନ୍ନ ଦିନରେ ପରିବେଷଣ କରାଯିବ। ଏତଦବ୍ୟତୀତ ଫେବୃୟାରୀ ୧୦ ତାରିଖରେ ସେମିନାର ଦିନ ୧୦ଘଟିକା ଓ ୧୧ ତାରିଖରେ ଏକ କବି ସମ୍ମିଳନୀ ୯.୩୦ରେ ଅନୁଷ୍ଠିତ ହେବ। ଜିଲ୍ଲା ମହୋତ୍ସବରେ ବଲିଉଡ୍ ସିଙ୍ଗର ଜୁବିନ୍ ନଉଟିଆଲ୍, ଅନନ୍ୟା ଶ୍ରୀତମ ନନ୍ଦ, ସତ୍ୟଜିତ ପ୍ରଧାନ, ମୋନାଲୀ ଠାକୁର, ଦେବାର୍ଚ୍ଚନ ମିଶ୍ର, ଦିପ୍ତିରେଖା ପାଢ଼ୀ, ସୁଖବିନ୍ଦର୍ ସିଂହ ମୁଖ୍ୟ ଆକର୍ଷଣ ହେବେ।

ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ଯୋଗଦେଇ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲୀ ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଉପସ୍ଥିତ ରହି ସ୍ୱାଗତ ସୂଚନା ଓ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଫେବୃୟାରୀ ୯ରୁ ମାଘମେଳା



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଭୀମ ଭୋଇ ସମାଧୀପୀଠ ଖଲିଆପାଲି ଠାରେ ତା୦୯.୦୨. ୨୫ରୁ ତା୧୩.୦୨. ୨୫ ପର୍ଯ୍ୟନ୍ତ ପାଞ୍ଚ ଦିନ ପର୍ଯ୍ୟନ୍ତ ମାଘ ମେଳା ୨୦୨୫ ଅନୁଷ୍ଠିତ ହେବ। ଚଳିତ ମାଘ ମେଳାକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଉପଜିଲ୍ଲାପାଳ ସୋନପୁର ଡଃ ସୌମ୍ୟା ରୁପା ରଥଙ୍କ ଅଧ୍ୟକ୍ଷତାରେ ଉପ-ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଭୀମ ଭୋଇ ସମାଧୀପୀଠ ଖଲିଆପାଲି ଠାରେ ଆୟୋଜିତ ହେବାକୁ ଥିବା ମାଘ ମେଳା ୨୦୨୫ କାର୍ଯ୍ୟସୂଚୀର ବିସ୍ତୃତ ଆଲୋଚନା କରାଯାଇଥିବା ବେଳେ ଉପସ୍ଥିତି ସମ୍ପୃକ୍ତ ସରକାରୀ ଅଧିକାରୀ ଓ ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ସଦସ୍ୟ ପ୍ରମୁଖ ନିଜ ନିଜର ସୁଚିନ୍ତିତ ମନ୍ତବ୍ୟ ଦେଇଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER MINOR IRRIGATION DIVISION
KHORDHA
Tel No. (06755) 221502E-mail: eemidkhurda@yahoo.co.in
Letter No. 515 Dt.05.02.2025
A-1022

**Invitation for Bids**
**Bid Identification No. SEMIDKHD 17/2024-25**

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha, on behalf of the Governor of Odisha, invites Percentage Rate Bids in Single Cover system in Online Mode only for civil works in Check Dams under Impt.To Check Dam as detailed in the table below from the eligible Class of Contractors. | | |
| 2 | NatureofWork | :- | Civil works in Check dams under Impt To Check Dams Scheme in different Blocks of Khordha District |
| 3 | No.of Works | :- | 13(Thirteen)Nos.Only |
| 4 | Estimated.Cost | | Rs. 5.03 Lakhs |
| 5 | Cost of Bid Document | :- | Rs 4000/- through online)only. |
| 6 | ClassofContractor | :- | D Class,C Class as applicable |
| 7 | Availability of Bid Documents Online | :- | 10.00A.MofDt.07.02.2025to5.30P.Mof Dt.13.02.2025 |
| 8 | Last Date and Time for receipt of Bids in the Portal | :- | 5.30 P.M of Dt. 13.02.2025 |
| 9 | Date of Opening of Bids | :- | 11.00A.Mof Dt.14.02.2025. |
| 10 | TheBiddersshallhavetoparticipateinonlinebiddingonly.Furtherdetailscanbeseeen fromthewebsitehttps://tendersodisha.gov.in.Anyaddendum/Corrigendum/CancellationofBidcanals obeseeninthesaidwebsite.TheAuthorityreserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

Sd/- Superintending Engineer
Minor Irrigation Division, Khordha.
OIPR-32042/11/0016/2425

# ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ବିଶାଳ ଗଣବିକ୍ଷୋଭ

**କେନ୍ଦୁଝର, ନ୍ୟୁଜ୍**

ଜିନ୍ଦଲ ଓ ପୋସ୍କୋ ସହ ହୋଇଥିବା ଏମ୍.ଓ.ୟୁ ରଦ୍ଦ କରିବା ଦାବିରେ ବୁଧବାର ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ହୋଇଯାଇଛି। ସଂଗଠନ ନେତୃତ୍ୱରେ ହଜାର ହଜାର ଚାଷୀ, ମହିଳ, ଛାତ୍ର ଓ ଯୁବକ କେନ୍ଦୁଝର ସହର କରଞ୍ଜିଆ ବସଷ୍ଟାଣ୍ଡ ଠାରୁ ହାତରେ ପ୍ଲାକାଡ୍ ଧରି ଜିନ୍ଦଲ ପୋସ୍କୋ ହଟାଅ ଭିଟାମାଟି ବଞ୍ଚାଅ, ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କର ଆଦି ସ୍ଲୋଗାନ ଦେଇ ଜିଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ସ୍ଥଳରେ ଏକ ଜନସଭାରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ କେନ୍ଦୁଝର ଜିଲା ସଭାପତି କମ୍ରେଡ୍ ଘନଶ୍ୟାମ ମହାନ୍ତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ରାଜ୍ୟ ସଂପାଦକ କମ୍ରେଡ୍ ରଘୁନାଥ ଦାସ ଯୋଗ ଦେଇ ତାଙ୍କ ଭାଷଣ ପ୍ରସଙ୍ଗରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ବେକାରୀ ସମସ୍ୟା ସମାଧାନ ପାଇଁ ନିଯୁକ୍ତି ଭିତ୍ତିକ ଶିଳ୍ପ କଳକାରଖାନା ସରକାରୀ ଉଦ୍ୟୋଗରେ କରାଯିବା ଆବଶ୍ୟକ। ଏଥିପାଇଁ କେନ୍ଦୁଝର ଜିଲାରେ ସରକାରଙ୍କ ହାତରେ ୩ ହଜାରୁ ଅଧିକ ଏକର ଜମି ବାଂଶପାଳ ବ୍ଲକର ତରମାକାନ୍ତ ଠାରେ ଅଛି। ଏହାଛଡ଼ା ଲୁହାପଥର ଖଣି ସଲଗ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ରହିଛି। ସରକାର ସେଠାରେ କଳକାରଖାନା ନକରି ହଜାର ହଜାର ଲୋକଙ୍କୁ ବିସ୍ଥାପିତ କରି ଉର୍ବର ଚାଷ ଜମିକୁ ବଳପୂର୍ବକ ଅଧିକାର କରି କମ୍ପାନୀମାନଙ୍କୁ ଟେକିଦେବା ପାଇଁ କାହିଁକି ଜୋଜନା କରୁଛନ୍ତି ବୋଲି କମ୍ରେଡ୍ ଦାସ ପ୍ରଶ୍ନ ଉଠାଇଛନ୍ତି ? ଏହାଦ୍ୱାରା ଡବଲ ଇଞ୍ଜିନ ବିଜେପି ସରକରଙ୍କ କମ୍ପାନୀ ପ୍ରିତିର ପ୍ରକୃତ ଚେହେରା ଯେ ପ୍ରକାଶ ପାଉଛି, ତାହା ସ୍ପଷ୍ଟ ହେଉଛି। ସୁତରାଂ ଚାଷ ଜମି ଅଧିଗ୍ରହଣ ବନ୍ଦ କରିବା ସହ ଜିନ୍ଦଲ ଓ ପୋସ୍କୋ ସହ ହୋଇଥିବା ଏମ୍.ଓ.ୟୁ.କୁ ତୁରନ୍ତ ରଦ୍ଦ କରିବା ସଙ୍ଗେ ସଙ୍ଗେ ସରକାରୀ ଜମିରେ ସରକାରୀ ଉଦ୍ୟୋଗରେ ଶ୍ରମ ଭିତ୍ତିକ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ କମ୍ରେଡ୍ ଦାସ ଗୁରୁତ୍ୱାରୋପ କରିଛନ୍ତି।




## ସିନ୍ଧେକେଲା ବିରାଟ ଧନୁଯାତ୍ରା ଷଷ୍ଠ ଦିବସ

# କଂସ ଚିନ୍ତିତ ଓ ମର୍ମାହତ, ରଙ୍ଗସଭାର ଆୟୋଜନ



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ସ୍ଥିତ ମାଁ ଦ୍ୱାରସେନ୍ଣି ମନ୍ଦିର ସମ୍ମୁଖ ପଲ୍ଲୀ ଶ୍ରୀ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଏକାଦଶତମ ବିରାଟ ଧନୁଯାତ୍ରା ମହୋତ୍ସବ ଷଷ୍ଠ ଦିବସରେ ପହଞ୍ଚିଥିଲା। କଂସ ମହାରାଜଙ୍କ ରାଜ ଦରବାରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ସିନ୍ଧେକେଲାକୁ ବ୍ଲକ ମାନ୍ୟତା ଦାବି ଉପରେ ପ୍ରସଙ୍ଗ ଉଠାଇବା ସହ ସିନ୍ଧେକେଲା କୁ ବ୍ଲକ ର ଆବଶ୍ୟକତା ଅଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ସଭାପତି ତଥା ବିଜେପି ଯୁବନେତା ଅମିତ ଜୈନ, ସମ୍ପାଦକ ବୁଲୁ ଜୈନ, ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ସତ୍ୟ ବେହେରା , ଧନୁଯାତ୍ରା କମିଟିର ସଭାପତି ବିରେନ୍ଦ୍ର ନାରାୟଣ ସିଂଦେଓ, ସହ ସମ୍ପାଦକ ପରମା ସାହୁ, କୋଷାଧ୍ୟକ୍ଷ ଓମ୍ ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଉକ୍ତ ଧନୁଯାତ୍ରାକୁ ଆଗେଇ ନେଇଥିବା ଆବାଳ ବୃଦ୍ଧବନିତା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଧନୁଯାତ୍ରାର ଷଷ୍ଠ ଦିବସରେ କଥାବସ୍ତୁ ଆଧାରରେ ଗୋପପୁରରେ ବସ୍ତ୍ର ହରଣ, ଷୋଳ କୁଞ୍ଜ ଦର୍ଶନ, ଅକ୍ରୁର ଗୋପପୁରରେ ପ୍ରବେଶ ହୋଇଥିବା ବେଳେ ମଥୁରାରେ ସ୍ୱପ୍ନ ଦୃଶ୍ୟ, କଂସ ଚିନ୍ତିତ ଓ ମର୍ମାହତ ପରେ ରଙ୍ଗସଭାର ଆୟୋଜନ ଆଦି ନାଟ୍ୟାଭିନୟ ଅଭିନୀତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା କୋଟପାଡ଼ର ଢେମସା ନୃତ୍ୟ ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। ଧନୁଯାତ୍ରାର ମୁଖ୍ୟ ଆକର୍ଷଣ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ବହୁ ଲୋକେ ଆଧାତ୍ମିକ ଜ୍ଞାନ ପ୍ରାପ୍ତ କରିଥିଲେ। ସ୍ଥାନୀୟ ମାରୱାଡି ଯୁବାମଞ୍ଚ ପକ୍ଷରୁ ଧନୁଯାତ୍ରାରେ ପୂର୍ବତନ ସଭାପତି ବଣ୍ଟି ଜୈନଙ୍କ ନେତୃତ୍ୱରେ ପ୍ରତ୍ୟେକ ଦିନ ଲୋକଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ସାଂସ୍କୃତିକ ସମ୍ପାଦକ ସୁଧାକର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସାଧାରଣ ସମ୍ପାଦକ ଅନିଲ ନାଏକ, ଉପ ସଭାପତି ରାଜ୍ ପୁରୋହିତ ଆଚାର୍ଯ୍ୟ ଉମାଶଙ୍କର ତ୍ରିପାଠୀ, ସୁରେନ୍ଦ୍ର ନାରାୟଣ ସିଂଦେଓ, ଦିନେଶ ବଚ୍ଛା, ଟିଙ୍କୁ ସିଂଦେଓ, କନ୍ଦର୍ପ ସାହୁ, ସନ୍ତୋଷ ରଣା ପ୍ରମୁଖଙ୍କ ସହ ନୂତନ ଓ ପୁରାତନ କମିଟିର ସମସ୍ତେ ବିଶେଷ ସହଯୋଗ କରିଥିଲେ।

ଭୁବନେଶ୍ୱର
୦୭ ଫେବୃୟାରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଫେବୃୟାରୀ ୧୦ରେ ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ

## ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବେ ୩୬ ଛାତ୍ରଛାତ୍ରୀ



**ନୂଆଦିଲ୍ଲୀ, ୬/୨**

ଆସନ୍ତା ଫେବୃୟାରୀ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ଫେବୃୟାରୀ ୧୦ ତାରିଖ ସକାଳ ୧୧ଟାରେ 'ପରୀକ୍ଷା ପେ ଚର୍ଚ୍ଚା ୨୦୨୫' କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦୂରଦର୍ଶନ ସମେତ ବିଭିନ୍ନ ଅନଲାଇନ୍ ଏବଂ ଅଫ୍‌ଲାଇନ୍ ମାଧ୍ୟମରେ ପ୍ରସାରିତ ହେବ, ଯାହାଦ୍ୱାରା ମୋଦିଙ୍କ ବାର୍ତ୍ତା ଲକ୍ଷଲକ୍ଷ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ। ଚଳିତ ବର୍ଷର 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ୩୬ ଜଣ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ କଥା ହେବାର ସୁଯୋଗ ପାଇବେ । ଏହି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ମନୋନୀତ କରାଯାଇଛି। ଏହି ଆଲୋଚନା ସମୟରେ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ପରୀକ୍ଷା ସହିତ ଜଡିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବ । ଯାହା ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ ଏବଂ ଆତ୍ମବିଶ୍ୱାସର ସହିତ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାରେ ସାହାଯ୍ୟ କରିବ। 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମର ଲୋକପ୍ରିୟତା ଏଥର ରେକର୍ଡ ସ୍ତରରେ ପହଞ୍ଚିଛି । କୋଟିକୋଟି ଛାତ୍ରଛାତ୍ରୀ ପଞ୍ଜିକରଣ କରିଛନ୍ତି ଯାହା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ବହୁତ ଅଧିକ। ଚଳିତ ବର୍ଷ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଜାନୁଆରୀ ୧୨ରୁ ଜାନୁଆରୀ ୨୩ ପର୍ଯ୍ୟନ୍ତ ସ୍କୁଲ ସ୍ତରରେ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ପାରମ୍ପରିକ ଖେଳ, ମାରାଥନ, ପୋଷ୍ଟର ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଯୋଗ ଏବଂ ଧ୍ୟାନ, ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଏବଂ ପ୍ରେରଣାଦାୟୀ ଚଳଚ୍ଚିତ୍ର ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନ୍ତର୍ଭୁକ୍ତ । ଯାହା ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ ଏବଂ ସକାରାତ୍ମକ ଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ପ୍ରେରଣା ଦେଇଥାଏ । 'ପରୀକ୍ଷା ପେ ଚର୍ଚ୍ଚା'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରୀକ୍ଷାର ଭୟ ଏବଂ ଚାପକୁ ହ୍ରାସ କରିବା । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାକୁ ଏକ ଉତ୍ସବ ପରି ଅନୁଭବ କରିବାକୁ ପ୍ରେରଣା ଦିଏ । କେବଳ ଛାତ୍ରଛାତ୍ରୀ ନୁହଁନ୍ତି। ଏହି କାର୍ଯ୍ୟକ୍ରମ ପିତାମାତା ଏବଂ ଶିକ୍ଷକମାନଙ୍କ ମାର୍ଗଦର୍ଶନ କରିପାରେ । ଯାହାଦ୍ୱାରା ସେମାନେ ମଧ୍ୟ ପିଲାମାନଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରିପାରିବେ । ଏହିପରି 'ପରୀକ୍ଷା ପେ ଚର୍ଚ୍ଚା' ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଚାପରୁ ମୁକ୍ତ କରିବାରେ ଏବଂ ଆତ୍ମବିଶ୍ୱାସର ସହିତ ପ୍ରସ୍ତୁତି କରିବାକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।



ଭୁବନେଶ୍ୱର : ରାଜଭବନଠାରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କମାଣ୍ଡର ମହେଶ ରାହଙ୍ଗଡାଲେ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଷୋଡ଼ଶ ଅର୍ଥ କମିଶନ ଡ. ଅରବିନ୍ଦ ପାନଗାରିଆଙ୍କୁ ଭେଟିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

# ନିଯୁକ୍ତ ହେବେ ୨୭୫୩ ସ୍ୱାସ୍ଥ୍ୟ କର୍ମୀ: ରହିତାଦେଶ ହଟାଇଲେ ହାଇକୋର୍ଟ

**କଟକ, ୬/୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସବର୍ଡିନେଟ ଷ୍ଟାଫ୍ ସିଲେକ୍ସନ୍ କମିସନ ଦ୍ୱାରା ପରିଚାଳିତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ମାମଲାରେ ହାଇକୋର୍ଟ ଜାରି କରିଥିବା ଅନ୍ତରୀଣ ରହିତାଦେଶକୁ ବୁଧବାର ଉଠାଇ ଦେଇଛନ୍ତି । ଓଏସଏସଏସସି ତରଫରୁ ମନୋନୟନ ଓ ନିଯୁକ୍ତି ପ୍ରକ୍ରିୟା ଜାରି ରହିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଆବେଦନକାରୀ ୪ ଜଣଙ୍କ ଆବେଦନର ରାୟ ପ୍ରକାଶ ପରେ ସେମାନଙ୍କ ପାଇଁ ହାଇକୋର୍ଟଙ୍କ ଆଦେଶ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାମଲାର ଶୁଣାଣି କରି ବିଚାରପତି ଆଦିତ୍ୟ ମହାପାତ୍ର ଆଦେଶ ଦେଇଛନ୍ତି। ଫଳରେ ବହୁବିଧ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଲାଗି ବାଟ ଫିଟିଛି। ୨୦୨୩ ଏପ୍ରିଲ ୨୯ରେ ଓଏସଏସଏସସି ପକ୍ଷରୁ ୨୭୫୩ଟି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ମାସ ୧ରୁ ୩୦ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଯୋଗେ ଆବେଦନ ତାରିଖ ରହିଥିଲା। ପରୀକ୍ଷା ଶେଷ ହେବା ପରେ ୨୦୨୩ ଡିସେମ୍ବର ୭ରେ ଓଏସଏସଏସସି ଏକ ନୋଟିସ ଜାରି କରିବା ସହ ଉତ୍ତର ସିଟ୍ ପ୍ରକାଶ କରିଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ୨୦୨୪ ଫେବୃୟାରୀ ୫ରେ ଓଏସଏସଏସସି ପ୍ରକାଶ କରିଥିବା ଉତ୍ତର ଖାତାର ତ୍ରୁଟି ସଂଶୋଧନ କରିଥିଲା। ୮ଟି ପ୍ରଶ୍ନର ଗେସ ମାର୍କ ଆଧାରରେ ନିଯୁକ୍ତି ଦେବା ଲାଗି ଓଏସଏସଏସସି ପକ୍ଷରୁ ସ୍ଥିର କରାଯାଇଥିଲା। ମାତ୍ର ଏପରି ନିଯୁକ୍ତି ଦ୍ୱାରା ବହୁ ମେଧା ଆଶାୟୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ ଏବଂ ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ଥିବା ଅଭିଯୋଗ ଆଣି ବହୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ଅଦାଲତରେ ଜବାବ ରଖିବା ପରେ ଅଦାଲତ ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ ହଟାଇଛନ୍ତି।



# ଷୋଡ଼ଶ ଅର୍ଥ କମିଶନଙ୍କୁ ଭେଟି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କଲା ବିଜେଡି

**ଭୁବନେଶ୍ୱର, ୬/୨ ନ୍ୟୁଜ ବ୍ୟୁରୋ**

ବିଜେଡି ପ୍ରତିନିଧି ଦଳ ଷୋଡ଼ଶ ଅର୍ଥ କମିଶନଙ୍କୁ ଭେଟିଛି । କମିଶନଙ୍କୁ ଭେଟି ରାଜ୍ୟ ସ୍ୱାର୍ଥ ସମ୍ପର୍କୀତ ଦାବି ଉତ୍ଥାପନ କରିଛି ବିଜେଡି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତାକୁ ପୁଣି କମିଶନଙ୍କ ଆଗରେ ଦୋହରାଇଛି ବିଜେଡି । ଉତ୍ତରପୂର୍ବ ରାଜ୍ୟଗୁଡିକ ପରି ୯୦:୧୦ ଅନୁପାତରେ କେନ୍ଦ୍ରୀୟ ସହାୟତା, ଖଣି ରୟାଲିଟି ବୃଦ୍ଧି କରିବାକୁ ଦଳ ଦାବି କରିଛି । ସେସ ସରଚାର୍ଜ ବୃଦ୍ଧି ହୋଇ ଚାଲିଛି କିନ୍ତୁ ସେହି ଅନୁସାରେ ରାଜ୍ୟକୁ ବଣ୍ଟା ଯାଉନି । ଏଥିରେ ମଧ୍ୟ ଅଂଶରେ ବୃଦ୍ଧି ଲାଗି ଦଳ ଦାବି କରିଛି । କ୍ଲିନ ଏନର୍ଜି, ପୂଜାସ୍ଥଳୀ ଗୁଡିକ ପାଇଁ ସ୍ୱତନ୍ତ୍ର ପାଣ୍ଠି ସହ ଅର୍ବାନ କ୍ଲଷ୍ଟର ୪ଟି କରିବାକୁ ପ୍ରସ୍ତାବ ଦିଆଯାଇଛି । ଅର୍ଥ କମିଶନଙ୍କ ଆଗରେ ଦାବି ଉପସ୍ଥାପନା ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି । ୨୦୨୪ ନିର୍ବାଚନ ଇସ୍ତାହାରରେ ଯାହା କହିଥିଲେ ତାକୁ କାର୍ଯ୍ୟକାରୀ କରିବା ଲାଗି କମିଶନଙ୍କ ଆଗରେ ସରକାର ସେପରି ଉପଯୁକ୍ତ ଦାବି ଉପସ୍ଥାପନ କରିନାହାଁନ୍ତି । ଏହା ଦୁଃଖର ବିଷୟ ବୋଲି କହିଛନ୍ତି ବିଜେଡି ନେତା ଅମର ପଟ୍ଟନାୟକ । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯାଉ ବୋଲି ମୁଖ୍ୟମନ୍ତ୍ରୀ ପଦୁଟିଏ ମଧ୍ୟ କହିଲେନି । ସେମାନେ ମେମୋରାଣ୍ଡମ ତିଆରି କରିଛନ୍ତି ନା ଆଉ କ'ଣ ବୋଲି ପ୍ରଶ୍ନ କରିଛନ୍ତି ଅମର। ଅର୍ଥ କମିଶନଙ୍କ ପରି ଏକ ବଡ଼ ପ୍ଲାଟଫର୍ମରେ ରାଜ୍ୟ ସ୍ୱାର୍ଥକୁ ବଳିଦେବା କି ବୋଲି ପ୍ରଶ୍ନ କରିଛନ୍ତି ଅମର । ରାଜ୍ୟର ଆର୍ଥିକ ସ୍ଥିତି ଯୋଗୁଁ ସରକାର ଅଦିନିଆ ବର୍ଷାରେ ଚାଷୀଙ୍କୁ କ୍ଷତିପୂରଣ ଦେଇ ପାରୁନାହାନ୍ତି । ତେଣୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାଗିବାର ଥିଲା । କମିଶନଙ୍କ ଆଗରେ ରାଜ୍ୟର ସ୍ୱାର୍ଥ ଉପସ୍ଥାପନ କରିବା କଥା । ଏଥିରେ ରାଜନୈତିକ ସ୍ୱାର୍ଥ ରହିବା କଥା ନୁହେଁ । ଏବେ ଡବଲ ଇଞ୍ଜିନ ସରକାର । ତେଣୁ ସରକାର ବେଶୀ ଦାବି ରଖିବା ଉଚିତ କହି ଟେରେଛା ବାଣ ମାରିଛି ବିଜେଡି । ଡବଲ୍ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କ ସ୍ୱାର୍ଥରେ ନାହିଁ। କେବଳ ନିଜର ସରକାର ବିଷୟରେ ଭାବୁଛନ୍ତି । ଏହା ରାଜ୍ୟବାସୀଙ୍କ ପାଇଁ ଗୋଟେ ଉପହାସ ବୋଲି କହିଛନ୍ତି ଅମର ।



# ଭାଇରାଲ ରୋକିବାକୁ ବୋର୍ଡର ପ୍ରସ୍ତୁତି : ପ୍ରଶ୍ନପତ୍ରରେ ରହିବ ସିରିଏଲ ନମ୍ବର

**ନୂଆଦିଲ୍ଲୀ ୦୬/୦୨**

ଚଳିବ ବର୍ଷ ଫେବ୍ରୁୟାରୀ ୨୧ରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା । ମାର୍ଚ୍ଚ ୬ ତାରିଖ ଯାଏ ଚାଲିବ । ତେବେ ପରୀକ୍ଷା ପୂର୍ବରୁ ବୋର୍ଡ ପକ୍ଷରୁ ପ୍ରେସମିଟ୍ କରାଯାଇ ସବିଶେଷ, ସୂଚନା ଦିଆଯାଇଛି । ଫେବ୍ରୁୟାରୀ ୨୧ରୁ ମାର୍ଚ୍ଚ ୬ ଯାଏ ଚାଲିବ ମାଟ୍ରିକ ପରୀକ୍ଷା । ୧୨ ତାରିଖରୁ ନୋଡାଲ କେନ୍ଦ୍ରକୁ ପଠାଯିବ ପ୍ରଶ୍ନପତ୍ର । ୧୯ ତାରିଖ ସୁଦ୍ଧା ନୋଡାଲ କେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର। ୩୦ ଜିଲ୍ଲାରେ ୩୧୩୩ଟି ପରୀକ୍ଷା କେନ୍ଦ୍ର, ୩୧୪ ନୋଡାଲ ସେଣ୍ଟର ରହିବ । ନିଜସ୍ୱ ବ୍ୟବସ୍ଥାରେ ଇଓ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ତେବେ ଏଥର ନିର୍ଦ୍ଧାରିତ ସମୟରେ ବାହାରିବ ପରୀକ୍ଷା ଫଳ । ପ୍ରଶ୍ନପତ୍ର ଲିକ ହେବାର ସମ୍ଭାବନା ନାହିଁ । କପି ରୋକିବାକୁ ୪ ପ୍ରକାରର ସ୍କ୍ୱାର୍ଡ ଗଠିତ ହେବ । ବୋର୍ଡ ପକ୍ଷରୁ ଗଠିତ ହେବ ୪୨ ଟି ସ୍କ୍ୱାର୍ଡ ମୋଟ ୧୭୨ଟି ସ୍କ୍ୱାର୍ଡ ଗଠନ ହେବ। ୬୦୦ ସେଣ୍ଟରରେ ଲାଗିବ ସିସିଟିଭି, ସମସ୍ତ ନୋଡାଲ ସେଣ୍ଟର ସିସିଟିଭି ନଜରରେ ରହିବ । ନିଜସ୍ୱ ବ୍ୟବସ୍ଥାରେ ଇଓ ଟେକ୍ନୋଲୋଜି ଆପଣେଇବ ବୋର୍ଡ । ଖାସ୍ କରି ପ୍ରଶ୍ନପତ୍ର ଲିକ୍ ରୋକିବାକୁ ବୋର୍ଡ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି । କାରଣ ଏଥର ପ୍ରଶ୍ନପତ୍ରରେ ରହିବ ସିରିଏଲ ନମ୍ବର । ଯାହାକି ଭାଇରାଲ୍ ହେଲେ ସହଜେ ଧରାପକାଇଦେବ । ପ୍ରଶ୍ନପତ୍ର ପ୍ରଘଟକାରୀଙ୍କୁ ସାବାଡ୍ କରିବା ପାଇଁ ଏଥର ମାଟ୍ରିକ୍‌ର ପ୍ରତି ପ୍ରଶ୍ନପତ୍ର ଉପରେ ପରୀକ୍ଷାର୍ଥୀଙ୍କ ବୁକ୍‌ଲେଟ୍‌ର କ୍ରମିକ ନମ୍ବର ତଥା ସିରିଏଲ୍ ନମ୍ବର ୱାଟର ମାର୍କରେ ଉଲ୍ଲେଖ ରହିବ । ବୁକଲେଟ୍ ନମ୍ବର ୱାଟର ମାର୍କ ସହ କ୍ୟୁ-ଆର (କୁଇକ୍ ରେସ୍‌ପନ୍ସ) କୋଡ୍ ନମ୍ବର ଏବଂ ଷ୍ଟାଟିକ୍ କ୍ୟୁ-ଆର କୋଡ୍ ଛାପ ପ୍ରତିଟି ପ୍ରଶ୍ନପତ୍ର ଉପରେ ଉଲ୍ଲେଖ କରାଇବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଆହୁରି ବି ସମସ୍ତ ପରୀକ୍ଷା ଗୋଟିଏ ସିଟିଂରେ ହେବ । ସେନ୍ସର କମାଣ୍ଡ ସିଷ୍ଟମ ଆପଣେଇବ ବୋର୍ଡ। ସୂଚନା ଥାଉକି, ଚଳିତ ବର୍ଷ ବୋର୍ଡ ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ଏବଂ ନୋଡାଲ ସେଣ୍ଟର ଗୁଡ଼ିକରେ ଏଆଇ କ୍ୟାମେରା ଖଞ୍ଜାଯାଇଛି । ଏଥିସହିତ ୪ ସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ୭୦ ଟିମ୍, ବୋର୍ଡ ପକ୍ଷରୁ ୪୨ ଟିମ୍, ଶିକ୍ଷା ବିଭାଗ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସ୍କ୍ୱାର୍ଡ ଟିମ୍ ଗଠନ କରାଯାଇଛି। ସିଧା ପ୍ରସାରଣ ଅନୁଧ୍ୟାନ ଲାଗି ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ୍ ରୁମ୍ ରହିବ। କଣ୍ଟ୍ରୋଲ୍ ରୁମ୍‌ରେ ବୋର୍ଡ ଅଧିକାରୀମାନେ ବସି ପରୀକ୍ଷା କେନ୍ଦ୍ରରେ ପରିଚାଳନା ବ୍ୟବସ୍ଥାକୁ ଅନୁଧ୍ୟାନ କରିବେ। ସିଧା ପ୍ରସାରଣ ସମୟରେ ଯଦି କୌଣସି କେନ୍ଦ୍ରର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୁଏ, ବୋର୍ଡ ଦ୍ୱାରା ଗଠିତ ସ୍କାଡ ତ୍ୱରିତ୍ ପଦକ୍ଷେପ ନେବା ସହ କାର୍ଯ୍ୟାନୁଷ୍ଠାନ ନେବ। ଆସନ୍ତା ୧୨ ତାରିଖରୁ ୩୧୪ ପରୀକ୍ଷା ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ପଠାଇବାକୁ ପ୍ରକ୍ରିୟା ଆରମ୍ଭ କରିବ ବୋର୍ଡ ବୋଲି ସୂଚନା ମିଳିଛି।



# ବଡମ୍ବା ରେଞ୍ଜରୁ ମାଈ ହାତୀର ଗଳିତ ମୃତଦେହ ଉଦ୍ଧାର

**ଆଠଗଡ ୬/୨ ନ୍ୟୁଜ ବ୍ୟୁରୋ**

ପୁଣି ହାତୀ ମୃତ୍ୟୁ ଅଭିଯୋଗ । ବଡମ୍ବା ରେଞ୍ଜରେ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଅରଣ୍ଡା ବିଟ୍ ହଳଦିଆ ଶ୍ରେଣୀ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ୪ରୁ ମାଈ ହାତୀର ମୃତଦେହ ଉଦ୍ଧାର କରାଯାଇଛି । ମୃତ ମାଈ ହାତୀର ବୟସ ୫ରୁ ୭ ବର୍ଷ ହେବ । ତେବେ ହାତୀର ମୃତ୍ୟୁ କେମିତି ହେଲା ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବା ନେଇ ସୂଚନା ଦେଇଛି ବନ ବିଭାଗ ।



# କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ପୋଲିସକୁ ମିଳିଲା ଫରେନ୍ସିକ ଇନଭେଷ୍ଟିଗେସନ୍ ଭ୍ୟାନ

**ଭୁବନେଶ୍ୱର, ୬/୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପୋଲିସକୁ ମିଳିଲା ବଳ। ସାଇଣ୍ଟିଫିକ ଫରେନ୍ସିକ ଯାଞ୍ଚ ପାଇଁ ଆଉ ଲାଗିବ ନାହିଁ ଅଧିକ ସମୟ। ତଥ୍ୟ ପ୍ରମାଣ ଅଭାବରୁ ଆଉ ଖସି ପାରିବେ ନାହିଁ ଅପରାଧୀ। ହତ୍ୟା, ଦୁଷ୍କର୍ମ, ଚୋରି, ଡକାୟତି ଭଳି ଘଟଣା ଘଟିଲେ ଏବେ ଘଟଣାସ୍ଥଳରୁ ହିଁ ଯାଞ୍ଚ ହେବ ନମୁନା। ଅନ ଦ ସ୍ପଟ୍ ସଂଗ୍ରହ ହେବ ପ୍ରମାଣ, ପରୀକ୍ଷା ବି ସେଇଠି ହେବ। ଆଉ ତୁରନ୍ତ ପୋଲିସକୁ ମିଳିବ ସାଇଣ୍ଟିଫିକ ରେଜଲ୍ଟ। ପୋଲିସକୁ ଅଧିକ ମଜବୁତ୍ କରିବା ଲାଗି ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଛି ଫରେନ୍ସିକ ଇନଭେଷ୍ଟିଗେସନ୍ ଭ୍ୟାନ। ଏହି ଫରେନ୍ସିକ ଇନଭେଷ୍ଟିଗେସନ୍ ଭ୍ୟାନକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସହାୟତାରେ ତିଆରି କରିଛି ନ୍ୟାସନାଲ ଫରେନ୍ସିକ ସାଇନ୍ସ ୟୁନିଭର୍ସିଟି। ଖର୍ଚ୍ଚ ହୋଇଛି ପାଖାପାଖି ୫୫ ଲକ୍ଷ ଟଙ୍କା। ଏହି ଭ୍ୟାନ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ରହିଥିବା ବେଳେ ଭ୍ୟାନର ଆଗରେ ଓ ପଛରେ ଦୁଇଟି ସିସିଟିଭି କ୍ୟାମେରା ଲାଗିଛି। ଭ୍ୟାନ ଭିତରେ ନମୁନା ସଂଗ୍ରହ ଠାରୁ ଆରମ୍ଭ କରି ୧୪ ପ୍ରକାରର ବିଭିନ୍ନ ପରୀକ୍ଷା ପାଇଁ ବ୍ୟବସ୍ଥା ରହିଛି। ଡିଏନଏ ସଂଗ୍ରହ, ବୁଲେଟ ହୋଲ ଟେଷ୍ଟିଂ, ସିମେନ, ରକ୍ତ ଚିହ୍ନଟ, ଫିଙ୍ଗର ପ୍ରିଣ୍ଟ କିଟ ସହ ବିଭିନ୍ନ ପ୍ରକାରର ଟେଷ୍ଟିଂ ପାଇଁ ଏଥିରେ ବ୍ୟବସ୍ଥା ରହିଛି। ଏହା ଦ୍ୱାରା ପୋଲିସ ଏକାଥରକେ ସମସ୍ତ ପ୍ରକାରର ତଥ୍ୟ ପ୍ରମାଣ ସଂଗ୍ରହ କରି ତ୍ୱରିତ ରିପୋର୍ଟ ପୋଲିସକୁ ପ୍ରଦାନ କରିବ। ପ୍ରଥମ ପର୍ଯ୍ୟାୟରେ କଟକ ଗ୍ରାମାଞ୍ଚଳ ପୋଲିସକୁ ଏହି ଫରେନ୍ସିକ ଇନଭେଷ୍ଟିଗେସନ୍ ଭ୍ୟାନ ମିଳିଛି। ଏହାକୁ ଜିଲ୍ଲା ଫରେନ୍ସିକ ସାଇନ୍ସ ଲାବ୍ରୋଟେରୀ ପରିଚାଳନା କରିବ। ଆଗାମୀ ସମୟରେ ରାଜ୍ୟକୁ ଆହୁରି ଫରେନ୍ସିକ ଇନଭେଷ୍ଟିଗେସନ୍ ଭ୍ୟାନ ମିଳିବ ବୋଲି କହିଛନ୍ତି ବରିଷ୍ଠ ପୋଲିସ ଅଧିକାରୀ। ଅନ୍ୟପଟେ ଜିଲ୍ଲା ଫରେନ୍ସିକ ଟିମ୍‌ରେ କର୍ମଚାରୀଙ୍କ ଘୋର ଅଭାବ ରହିଛି। ପ୍ରତି ମାସରେ କଟକ ଜିଲ୍ଲାରୁ ପାଖାପାଖି ୩୫ଟି ଅପରାଧିକ ମାମଲା ଆସୁଛି। ତେବେ ଖାଲି ପଡ଼ିଥିବା ଆସିଷ୍ଟାଣ୍ଟ ଲ୍ୟାବ ଆଟେଣ୍ଡାଣ୍ଟ, ଫଟୋଗ୍ରାଫର, କନଷ୍ଟେବଲ ପଦବୀ ପୂରଣ କରିବାର ଆବଶ୍ୟକ ରହିଛି।




# ମାଘ ମାସରୁ ହେଲାଣି ପ୍ରଚଣ୍ଡ ଖରା : ଶୀତବସ୍ତ୍ର ବଜାର ପୂରା ମାନ୍ଦା


**ଭୁବନେଶ୍ୱର, ୦୬/୦୨ ନ୍ୟୁଜ ବ୍ୟୁରୋ**

ମାଘ ମାସରୁ ହେଲାଣି ପ୍ରଚଣ୍ଡ ଖରା । ଗରମ ଏମିତି ବଢ଼ି ଚାଲିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସେଥିପାଇଁ ଶୀତବସ୍ତ୍ର ବଜାର ପୂରା ମାନ୍ଦା । ନଭେମ୍ବର ମାସ ଆରମ୍ଭରୁ ଭୁବନେଶ୍ୱରର ବିଭିନ୍ନ ଛକରେ ଶୀତବସ୍ତ୍ର ବିକ୍ରି ଆରମ୍ଭ ହୋଇଯାଏ । ବିଶେଷକରି ୟୁନିଟ୍-୧ ବଜାର, ରସୁଲଗଡ଼, ସହିଦନଗର, ବରଗଡ଼, ଉତ୍ତରାଛକ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଦେଖିବାକୁ ମିଳେ । ଦୂରଦୂରାନ୍ତରରୁ ବେପାରୀମାନେ ଛୁଟି ଆସିଥାନ୍ତି ରାଜଧାନୀକୁ । ଭଳିକି ଭଳି ସୁଇଟର, ଶାଲ, କମ୍ବଳ, ଟୋପି, ଜ୍ୟାକେଟ୍ ଆଣିଥାନ୍ତି । ଚଳିତ ବର୍ଷ ମଧ୍ୟ ଶୀତବସ୍ତ୍ରର ବଜାର ପଡ଼ିଥିଲା । କିନ୍ତୁ ଦୋକାନୀଙ୍କୁ ଏବର୍ଷ ନିରାଶ କରିଛି ଶୀତ । ଶୀତ ନଥିବାରୁ ଶୀତବସ୍ତ୍ର ବିକ୍ରି ହେଲାନି । କେଉଁ ଦୋକାନୀ ୨୫ ଲକ୍ଷ ଟଙ୍କାର ତ କିଏ ୫୦ ଲକ୍ଷ ଟଙ୍କାର ଶୀତଲୁଗା ଆଣିଥିଲେ ବିକ୍ରି କରିବାକୁ। ୨୦ ପ୍ରତିଶତ ମଧ୍ୟ ବିକ୍ରି ହୋଇନାହିଁ ବୋଲି ଦୋକାନୀମାନେ କହିଛନ୍ତି । ବେପାର ନଥିବା ଯୋଗୁ ନିଜର ଖାଇବା ଖର୍ଚ୍ଚ ବି ଉଠୁନି । ଶୀତ କମିଯିବା ଯୋଗୁ ଆଉ ତିବ୍ବତୀୟମାନେ ମଧ୍ୟ ରାଜଧାନୀକୁ ଉଲ୍ ସାମଗ୍ରୀ ଆଣି ଆସୁନାହାନ୍ତି । ତେଣୁ ଚଳିତ ବର୍ଷ ଓଡ଼ିଶାର କିଛି ବେପାରୀ, କୋଲକାତା ଓ ରାଜସ୍ଥାନର ବେପାରୀ ଶୀତବସ୍ତ୍ର ବଜାରରେ ଥିଲେ । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଶୀତବସ୍ତ୍ର ବଜାର ଖୋଲାରହିବ ବୋଲି ସେମାନେ କହୁଛନ୍ତି । ଶୀତବସ୍ତ୍ର ବେପାରୀ ସଞ୍ଜୟ କହିଛନ୍ତି ଯେ, ୫୦ ଲକ୍ଷ ଟଙ୍କାର ଶୀତବସ୍ତ୍ର ଆଣିଥିଲି। ସେଥିରୁ ମାତ୍ର ୧୫ ଲକ୍ଷ ଟଙ୍କାର ବିକ୍ରି ହୋଇଛି । କ'ଣ କରିବୁ । ଏହାକୁ ଆରବର୍ଷକୁ ରଖିଲେ ଖରାପ ହୋଇଯାଇପାରେ । ମୂଲ୍ୟ ବି କମିବାର ଆଶଙ୍କା ରହୁଛି । ମୁଖ୍ୟ କଥା ହେଲା ଶୀତ ନାହିଁ । ମାଘ ମାସରେ ଖରା ଆସିଲାଣି । ଏହା କେବଳ ସଞ୍ଜୟଙ୍କ ଦୁଃଖ ନହେଁ ଦୁଇପଇସା ଲାଭ ଆଶାରେ ଶୀତବସ୍ତ୍ର ବଜାରରେ ଷ୍ଟଲ ଖୋଲିଥିବା ସମସ୍ତ ବ୍ୟବସାୟୀଙ୍କ ସମାନ କଥା।




## ବଜାରରେ ଉପଲବ୍ଧ...

ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)